# ଖଣି ମାଫିଆଙ୍କ ରାଜ୍ ଗ୍ରାମବାସୀଙ୍କୁ ମାଡ଼ ଓ ହତ୍ୟା ଧମକ, ପ୍ରଶାସନର ନିରବ

ତିଗିରିଆ, ୧୬।୧(ସମିସ)



- ଭେଜିଆ ଜଙ୍ଗଲରୁ ବେଆଇନ ପଥର ଲୁଟ୍
- ଧୂଳିଧୂଆଁରେ ଶ୍ୱାସରୁଦ୍ଧ ଜନଜୀବନ

ତିଗିରିଆ ଥାନା ଅଧୀନ ଭୋଗଡ଼ା ଅଞ୍ଚଳରେ ଖଣି ମାଫିଆଙ୍କ ଦାଦାଗିରି ଚରମ ସୀମାରେ ପହଞ୍ଚିଛି। ଭେଜିଆ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବର୍ଷ ବର୍ଷ ଧରି ଚାଲିଥିବା ବେଆଇନ ଖଣି ଓ କ୍ରସର ଉପରେ ପ୍ରଶାସନ ରୋକ୍ ଲଗାଇବାରେ ବିଫଳ ହୋଇଥିବା ବେଳେ ଏବେ ମାଫିଆମାନେ ସ୍ଥାନୀୟ ଜନସାଧାରଣଙ୍କୁ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଧୂଳି-ଧୂଆଁ ଓ ଶହ ଶହ ଟ୍ରକ୍‌ର ଚଳାଚଳ ଯୋଗୁଁ ଅତିଷ୍ଠ ହୋଇ ଗ୍ରାମବାସୀ ପ୍ରତିବାଦ କରିବାରୁ ସେମାନଙ୍କୁ ମାଡ଼ ମରାଯିବା ସହ ଜୀବନରୁ ମାରିଦେବାକୁ ଧମକ ଦିଆଯାଉଥିବା ସଙ୍ଗୀନ ଅଭିଯୋଗ ହୋଇଛି। ମରିଚିଆ, ଭେଜିଆ, ଖଜୁରିପଦା, ବାଲିପୁଟ ଓ ନୂଆପାଟଣା ଅଞ୍ଚଳର ହଜାର ହଜାର ଜନସାଧାରଣ ଏବେ ପ୍ରଦୂଷଣର ଶିକାର। ଖଣି ଓ କ୍ରସରରୁ ନିର୍ଗତ ଧୂଳି ଗୁଣ୍ଡ ଚାଷ ଜମି ଉପରେ ଜମି ରହି ଫସଲ ନଷ୍ଟ କରୁଥିବା ବେଳେ ଜଳ ଉତ୍ସଗୁଡ଼ିକ ମଧ୍ୟ ବ୍ୟବହାର ଅଯୋଗ୍ୟ ହୋଇପଡ଼ିଛି। ପ୍ରତିଦିନ ଗ୍ରାମ୍ୟ ରାସ୍ତା ଦେଇ ଶତାଧିକ ହାଇୱା ଚଳାଚଳ କରୁଥିବାରୁ ରାସ୍ତାଘାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସାମ୍ପ୍ରତିକ ଘଟଣାକ୍ରମରେ ବାଲିପୁଟ ପଞ୍ଚାୟତ ବିରିପୁଟ ନୂଆପଡ଼ା ଗ୍ରାମରେ ଖଣି ମାଫିଆଙ୍କ ଗୁଣ୍ଡାଗିରି ଦେଖିବାକୁ ମିଳିଛି। ଗ୍ରାମ ମଧ୍ୟ ଦେଇ ଦିନ ସମୟରେ ଟ୍ରକ୍ ଚଳାଚଳକୁ ଗ୍ରାମବାସୀ ବାରଣ କରିବାରୁ, ବିନ୍ଧାଣିମା ଗ୍ରାମର ଜଣେ ବ୍ୟକ୍ତି ଗ୍ରାମ ସଭାପତି ବସନ୍ତ ନାଏକଙ୍କ ପୁତ୍ର କାହ୍ନୁ ନାୟକଙ୍କୁ ନିର୍ମମ ଭାବେ ମାଡ଼ ମାରିବା ସହ ଗାମୁଛାରେ ବେକ ଚିପି ହତ୍ୟା ଧମକ ଦେଇଛି। ଏନେଇ ତିଗିରିଆ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସେହିପରି ଗତ ସୋମବାର ଖଜୁରୀପଦା ଗ୍ରାମରେ ମଧ୍ୟ ଟ୍ରକ୍ ଚଳାଚଳକୁ ନେଇ ଗଣ୍ଡଗୋଳ ଘଟି ୪ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାଜସ୍ୱ ଓ ପୁଲିସ ବିଭାଗ ମୋଟା ଅଙ୍କର ପିସି ନେଇ ଚୁପ୍ ରହୁଛନ୍ତି। ବେଳେବେଳେ ଲୋକଦେଖାଣିଆ ଭାବେ ଚଢ଼ଉ କରାଯାଉଥିଲେ ମଧ୍ୟ କିଛି ସମୟ ପରେ ପୁଣି ଖଣି ଲୁଟ୍ ଆରମ୍ଭ ହୋଇଯାଉଛି। ରାଜ୍ୟ ଖଣି ବିଭାଗ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ତୀବ୍ର ହେବାର ଆଶଙ୍କା ରହିଛି।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ



ତିଗିରିଆ, ୧୬।୧(ସମିସ): ତିଗିରିଆ ନାଗରିକ କମିଟି ଆନୁକୂଲ୍ୟରେ ପାଳିତ ହେବାକୁ ଥିବା ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ତିଗିରିଆ ତହସିଲ କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ତହସିଲଦାର ତଥା ନାଗରିକ କମିଟି ସଭାପତି ଅକ୍ଷୟ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଜିଗଡ଼ସ୍ଥିତ ଗାନ୍ଧୀ ସ୍ମୃତି ପଡ଼ିଆରେ ଶୃଙ୍ଖଳିତ ଓ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜଗବନ୍ଧୁ ତୁଙ୍ଗ ସାମନ୍ତ, ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ତନ୍ମୟ ମିଶ୍ର, ଲଳିତ କୃଷ୍ଣ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ପଠାଣୀ ଚରଣ ବେହେରା ତଥା ସମସ୍ତ ବିଭାଗୀୟ ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ

ଭଦ୍ରେଶ୍ୱର, ୧୬।୧(ସମିସ): ମାହାଙ୍ଗା ଥାନା ବାଜପୁରା ଗାଁରେ ହିଂସାକାଣ୍ଡ ଘଟିଛି। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ୨୦ରୁ ଊର୍ଦ୍ଧ୍ୱ ଅସାମାଜିକ ଯୁବକ ଅପରାହ୍ନ ସମୟରେ ଗାଁରେ ସଂଘବଦ୍ଧ ଭାବେ ଆସି ପାଖାପାଖି ଏକଘଣ୍ଟା ଧରି ଆତଙ୍କରାଜ ଚଳାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ସହ ୨୦ରୁ ଊର୍ଦ୍ଧ୍ୱ ଅନ୍ୟ ଅଞ୍ଚଳର ଯୁବକମାନେ ହାତରେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି କେତେକ ଲୋକଙ୍କ ଘର ଭାଙ୍ଗିବା ସହ ମଦ ବୋତଲ ଘର ଭିତରକୁ ଫୋପାଡି ଥିଲେ। ଏକ ଭୁଜାଲି ସାହାଯ୍ୟରେ ବାଇକକୁ ହାଣିବା ସହ ଧାନ ଗଦାରେ ନିଆଁ ଲଗାଇ ଦେଇଥିଲେ। ଏହାସହ ଗ୍ରାମର ଅନେକ ଲୋକଙ୍କୁ ଆକ୍ରମଣ ମଧ୍ୟ କରିଥିଲେ। ଛୋଟ ପିଲାଙ୍କୁ ବି ସେମାନେ ଛାଡି ନ ଥିଲେ। ମହିଳା, ପୁରୁଷ ଯିଏ ତାଙ୍କ ଆଖି ଆଗକୁ ଆସିଲା ବାଡେଇ ଆହତ କରିଥିଲେ। ଖବର ପାଇ ମାହାଙ୍ଗା ପୁଲିସ ଗାଁରେ ପହଞ୍ଚିବା ବେଳକୁ ସେମାନେ ସମସ୍ତେ ଫେରାର ହୋଇଯାଇଥିଲେ। ପୁଲିସର ଏକ ଟିମ୍ ଗାଁରେ ପାଇଁତରା ମାରୁଛି। ସନ୍ଧ୍ୟାରେ ସାଲେପୁର ଏସଡିପିଓ ପହଞ୍ଚି ନିଜେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ୪ ଜଣଙ୍କୁ ଅଟକ ରଖାଯାଇଛି। ଅନ୍ୟ ଯେଉଁମାନଙ୍କ ସମ୍ପୃକ୍ତି ଆସିବ ସମସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ଏସଡିପିଓ ବିରଞ୍ଚି ନାରାୟଣ ପତି ସୂଚନା ଦେଇଛନ୍ତି।

## ନବାହ୍ନ ପାରାୟଣ ପ୍ରସ୍ତୁତି

ନରସିଂହପୁର, ୧୬।୧(ସମିସ): ନରସିଂହପୁର ବ୍ଲକ ଅଧୀନ ବାଲିଝରି ଶ୍ରୀ ଶ୍ରୀ ରାମଚରିତ ମାନସ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନବାହ୍ନ ପାରାୟଣରେ ୨୩ ତାରିଖଠାରୁ ଆରମ୍ଭ ହୋଇ ଫେବୃଆରୀ ୧ ତାରିଖରେ ପୂର୍ଣ୍ଣାହୂତି ସହିତ ପ୍ରବଚନ କାର୍ଯ୍ୟକ୍ରମ ସମାପ୍ତ ହେବ ବୋଲି ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ପାରାୟଣ ପ୍ରବଚନ କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମଧନ୍ୟ ପ୍ରବଚକ ସ୍ୱାମୀ ଅଖଣ୍ଡାର୍ଯ୍ୟ ସରସ୍ୱତୀ, ବାବା ଦିବାକର ଦାସ ମହାରାଜ, ଅନ୍ତର୍ଯ୍ୟାମୀ ଦାସ ମହାରାଜ, ସ୍ୱାମୀ ମୁକୁନ୍ଦଜୀ ମହାରାଜ ପ୍ରବଚନରେ କାର୍ଯ୍ୟକ୍ରମରେ ଉପସ୍ଥିତ ହେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ମକର ସଂକ୍ରାନ୍ତି ଅବସରରେ ପରିଷଦର ସମସ୍ତ ସଦସ୍ୟ ଉପଦେଷ୍ଟା ମଣ୍ଡଳକୁ ନେଇ ଏହି ପ୍ରସ୍ତୁତି ବୈଠକ ହୋଇଥିଲା। ଆସନ୍ତା ୨୫ ତାରିଖରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ହେବା ନେଇ ନିଷ୍ପତ୍ତି ହୋଇଛି। ଗ୍ରାମ୍ୟ କମିଟି ସଭାପତି ଫକୀର ଚରଣ ରାଉତ, ସମାଜସେବୀ ସଞ୍ଜୟ ନାୟକ, ସମିତିସଭ୍ୟ ମହେଶ୍ୱର ସେଠୀ, ପରିଷଦର ସଭାପତି ସୁରେଶଚନ୍ଦ୍ର ମହାନ୍ତି, ଲକ୍ଷ୍ମୀ ପୂଜା କମିଟିର ସମ୍ପାଦକ ନିହାର ରଞ୍ଜନ ସ୍ୱାଇଁ, ଶିକ୍ଷାବିତ୍ ବିଷ୍ଣୁଚରଣ ସ୍ୱାଇଁ, ବଜାର କମିଟି ସଭାପତି ପ୍ରାଣକୃଷ୍ଣ ସୁବୁଦ୍ଧି, ନରସିଂହ ମହାନ୍ତି, ବିଶ୍ୱନାଥ ମହାନ୍ତି, ନାରାୟଣ ଦାସ, ମନମୋହନ ରାଉତ, ଅଜିଧ୍ୟାନାଥ ସ୍ୱାଇଁ, ପଦ୍ମନାଭ ସ୍ୱାଇଁ, ସଞ୍ଜୟ ସାହୁ, ପ୍ରଫୁଲ୍ଲ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରଭାକର ରାଉତ ଧନ୍ୟବାଦ ଦେଇଥିଲେ।

## ୨୫ରୁ କାନପୁର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ନରସିଂହପୁର, ୧୬।୧(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କାନପୁର ଗ୍ରାମର କାନପୁର ଆଞ୍ଚଳିକ ଆଥଲେଟିକ ଆସୋସିଏସନ ତରଫରୁ ଚଳିତ ବର୍ଷର କାନପୁର ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ପ୍ରସ୍ତୁତି ବୈଠକ ଗୁରୁବାର ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୫ ତାରିଖରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। ଉପଦେଷ୍ଟା ଅଲେଖ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ସନାତନ ପ୍ରଧାନ ଉପସଭାପତି କିଶୋର ସାହୁ, ସମ୍ପାଦକ ଗୁଡ୍ଡୁନ ପ୍ରଧାନ, ସରପଞ୍ଚ ପ୍ରତିନିଧି ଉମାକାନ୍ତ ପ୍ରଧାନ ଏବଂ କୃପାସିନ୍ଧୁ ଦାସ, ପ୍ରଶାନ୍ତ ସାହୁ, ନୀଳମଣି ସେଠୀ, ରମେଶଚନ୍ଦ୍ର ପ୍ରଧାନ, ମନମୋହନ ଦାଶ, ଗୋପାଳ ଚନ୍ଦ୍ର ପ୍ରଧାନ, ସୂର୍ଯ୍ୟକାନ୍ତ ଖୁଣ୍ଟିଆ, ସମରେନ୍ଦ୍ର ବେହେରା, ନିତ୍ୟାନନ୍ଦ ଖଟୁଆ, ରମେଶ ଜେନା, ସଦାନନ୍ଦ ରାଉଳ, ବିଜୟ ପୃଷ୍ଟି, ସୁରେଶ ଜେନା, ବିକାଶ ସାହୁ ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ।

## ଝାଡ଼େଶ୍ୱରପୁର ଉଚ୍ଚବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ



ମାହାଙ୍ଗା, ୧୬।୧(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଝାଡେଶ୍ୱରପୁର ଠାରେ ପିଏମଶ୍ରୀ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୃପାସିନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଏସବିଆଇର ଆଞ୍ଚଳିକ ପ୍ରବନ୍ଧକ ଚୌ.ଅଶ୍ୱିନ ଅନୁପମ ପ୍ରହରାଜ, ସମ୍ମାନିତ ଅତିଥିଭାବେ ମଣ୍ଡଳ ଶିକ୍ଷାଧିକାରୀ ମୋନାଲିସା ସରକାର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଲିସା ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ ଓ ଧନ୍ୟବାଦ ପ୍ରଦାନ କରିଥିଲେ ଶିକ୍ଷକ ରମାକାନ୍ତ ଦାସ। ସମାଜସେବୀ ଦେବେନ୍ଦ୍ର ସାହୁ, ଜିତେନ୍ଦ୍ର ଶତପଥି, ଭକ୍ତ ଚରଣ ସ୍ୱାଇଁ, ନିର୍ମଳ ରାଉତ, ମନୋରଞ୍ଜନ ନାୟକ, ମନୋରଞ୍ଜନ ବିଶ୍ୱାଳ, ପନଗଭୂଷଣ ଦାସ, ଅଭିନ୍ନ ଜେନା, ନିର୍ମଳ ରାଉତ, ରମେଶ ସ୍ୱାଇଁ, ସଂଗ୍ରାମ ପ୍ରହରାଜ, କାର୍ତ୍ତିକ ବାରିକ, ବିବେକ ପାଣି, ଶଶିଭୂଷଣ ନାଥଶର୍ମା, ରବୀନ୍ଦ୍ର ରାଉଳ, ବରାମ ସୂତାର, ସଞ୍ଜୟ ସାହୁ, ମାନସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଲକ୍ଷ୍ମୀନାରାୟଣ ପୀଠରେ ଭାଗବତ ପାରାୟଣ ସପ୍ତାହ

ନିଶ୍ଚିନ୍ତକୋଇଲି, ୧୬।୧(ସମିସ): କେନ୍ଦୁପାଟଣା ପଞ୍ଚାୟତ ଚମ୍ପତିପାଟଣା ଗ୍ରାମର ଅଧିଷ୍ଠାତ୍ରୀ ପ୍ରଭୁ ଲକ୍ଷ୍ମୀନାରାୟଣଙ୍କ ପୀଠରେ ୭ ଦିନ ବ୍ୟାପୀ ଭାଗବତ ପାରାୟଣ ଓ ହୋମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



ପଣ୍ଡିତ ଯଶୋବନ୍ତ ପଣ୍ଡା, କୈଳାସଚନ୍ଦ୍ର ପଣ୍ଡା, ପଦ୍ମଲୋଚନ ଶତପଥି, ରବୀନ୍ଦ୍ରନାଥ ଶତପଥି ଓ ଧୀରେନ୍ଦ୍ର ଶତପଥୀ ଜଗନ୍ନାଥ ଦାସଙ୍କ କୃତ ଭାଗବତର ଏକାଦଶଖଣ୍ଡ ପାଠ କରି ଏହାକୁ ସରଳ ଅର୍ଥରେ ଉପସ୍ଥିତ ଭକ୍ତମାନଙ୍କୁ ବୁଝାଇଥିଲେ। ପୂଜକ ନିରଞ୍ଜନ ପଣ୍ଡାଙ୍କ ଦ୍ୱାରା ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା ବେଳେ ଗଣେଶ୍ୱର ବେହେରା, ମହେନ୍ଦ୍ର ସାମଲ, ସୋମନାଥ ବେହେରା, ନିରଞ୍ଜନ ମାଝୀ, ରବୀନ୍ଦ୍ରନାଥ ସାହୁ, ଜଗବନ୍ଧୁ ପାତ୍ର, ପ୍ରମୋଦ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ଭକ୍ତ ଭାଗବତ ଚର୍ଚ୍ଚାରେ ଅଂଶଗ୍ରହଣ କରିଥିଲେ।

## କନ୍ତୋଲ ନୋଡାଲ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ଆଠଗଡ଼, ୧୬।୧(ସମିସ): ଆଠଗଡ଼ ବ୍ଲକ ଅଧୀନ କନ୍ତୋଲ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଆଠଗଡ଼ ବ୍ଲକ ଶିକ୍ଷାଧିକାରୀ କବିରାଜ ଜେନା, ମୁଖ୍ୟବକ୍ତା ଡ. ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ବ୍ଲକ କନିଷ୍ଠ ଯନ୍ତ୍ରୀ ଜୟନ୍ତ ଶତପଥୀ, ସହକାରୀ ବ୍ଲକ ଶିକ୍ଷାଧିକାରୀ ମୁରଲୀଧର ସାହୁ, ପ୍ରଧାନଶିକ୍ଷକ ଦେବୀପ୍ରସାଦ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିବାକର ମହାନ୍ତି, ବିଶିଷ୍ଟ ସମାଜସେବୀ ଲକ୍ଷ୍ମୀଧର ପୃଷ୍ଟି, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକବୃନ୍ଦ ଓ ଅତଗଡ଼ ଏନଏସି ଅନ୍ତର୍ଗତ ବିଦ୍ୟାଳୟର ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବରିଷ୍ଠ ସହକାରୀ ଶିକ୍ଷକ ଆଶିଷ ରାଉତରାୟ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷକ ସରୋଜ ରାଉତ୍ ଓ ସହକାରୀ ଶିକ୍ଷକ ନବକିଶୋର ସାହୁ ପୁରସ୍କାର ବଣ୍ଟନ କାର୍ଯ୍ୟ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଟୁନି ପତ୍ରୀ, ସ୍ୱର୍ଣ୍ଣମୟୀ ମହାପାତ୍ର, ଇପ୍ସିତା ପଟ୍ଟନାୟକ ମଞ୍ଚ ସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯିବା ସହିତ ଚାମ୍ପିଅନ ହୋଇଥିବା ଆଦିତ୍ୟ ଦଳେଇ ଓ ମନ୍ଦାକିନୀ ବେହେରା ତଥା ଷ୍ଟୁଡେଣ୍ଟ୍ ଅଫ୍ ଦ ଇୟର୍ ପାଇଁ ଷଷ୍ଠ ଶ୍ରେଣୀର ଅନୁଶ୍ରୀ ସାହୁଙ୍କୁ ଟ୍ରଫି ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଦିବାସୀ ବସ୍ତିରେ ଶାଢ଼ି ବଣ୍ଟନ



ଟାଙ୍ଗୀ, ୧୬।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ସମଟିକରା ଆଦିବାସୀ ବସ୍ତିରେ ମକର ସଂକ୍ରାନ୍ତିରେ ଶାଢ଼ୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ସରପଞ୍ଚ ପ୍ରବୀର କୁମାର ଦାଶଙ୍କ ପୌରୋହିତ୍ୟରେ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଶାଢ଼ୀ ବଣ୍ଟନ କରାଯାଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ।

## ବିଂଶଭୂଜାଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

ନିଶ୍ଚିନ୍ତକୋଇଲି, ୧୬।୧(ସମିସ): ବଡକ୍ଷୀର ପଞ୍ଚାୟତସ୍ଥିତ ବରଧାରୀ ମା' ବିଂଶଭୂଜା ଦେବୀଙ୍କ ପୀଠରେ ୪୦ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ତିନି ଦିନ ଧରି ଅନୁଷ୍ଠିତ ହୋଇଛି। ସ୍ୱର୍ଗୀୟ ବୈଷ୍ଣବ ନୃସିଂହ ଚରଣ ଦାସଙ୍କ ଦ୍ୱାରା ଆରମ୍ଭ କରାଯାଇ ମହନ୍ତ ଅନନ୍ତରାମ ଦାସଙ୍କ ତତ୍ତ୍ୱାବଧାନରେ ଏହି ନାମଯଜ୍ଞ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ କୃତିବାସ ପ୍ରଧାନ କାର୍ଯ୍ୟ ତୁଲାଇଥିଲେ। ପବିତ୍ର ମକର ସଂକ୍ରାନ୍ତିରେ ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞ ଓ ହରିହାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ପୂର୍ବାହ୍ନରେ ସଂକୀର୍ତ୍ତନମଣ୍ଡଳୀଙ୍କ ଦ୍ୱାରା ନଗର କୀର୍ତ୍ତନରେ ବଡକ୍ଷୀର, ଗୋପପୁର, କାଚରାପାଟଣା ଓ ଧଳପଡ଼ା ଆଦି ଗ୍ରାମ ପରିକ୍ରମା କରାଯାଇ ଦଧିହାଣ୍ଡିରୁ ପବିତ୍ର ଜଳ ସିଞ୍ଚନ କରାଯାଇଥିଲା। ଅଷ୍ଟପ୍ରହରୀ ପରିଚାଳନା କମିଟି ସଭାପତି ଶ୍ରୀନିବାସଚନ୍ଦ୍ର ସ୍ୱାଇଁ, ସମ୍ପାଦକ ନରେନ୍ଦ୍ରନାଥ ସାହୁଙ୍କ ସଂଯୋଜନାରେ ଗୋପୀନାଥ ସାହୁ, ଶୁଭ୍ରାଂଶୁ ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ମନୋଜ ସ୍ୱାଇଁ, ପ୍ରତାପ ସିଂ, ଭାଗ୍ୟଧର ରଣା, ରାମଚନ୍ଦ୍ର ସାହୁ, ଜୟଦେବ ସାହୁ, ସହଦେବ ବେହେରା, ବିଜୟ ନାୟକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



## ହୃଦ୍‌ଘାତରେ ସମାଜସେବୀଙ୍କ ପରଲୋକ

ଭଦ୍ରେଶ୍ୱର, ୧୬।୧(ସମିସ): ମାହାଙ୍ଗା ବ୍ଲକ ଗୋତରା ଗ୍ରାମପଞ୍ଚାୟତ ପ୍ରହରାଜପୁର ଗ୍ରାମର ବିଶିଷ୍ଟ ସମାଜସେବୀ ଶରତଚନ୍ଦ୍ର ଜେନା (୬୭)ଙ୍କ ହୃଦଘାତଜନିତ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁତ୍ର ବିଜୟ, ପୁତ୍ରବଧୂ, ଜ୍ୱାଇଁ ଗଗନ ବିହାରୀ ବରାଳ, କନ୍ୟା ଲକ୍ଷ୍ମୀପ୍ରିୟା ବରାଳ, ପୁତୁରା ଅଭୟ ଜେନାଙ୍କ ସମେତ ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶୋକାକୁଳ ପରିବେଶରେ ଦାହ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ସଞ୍ଜୟ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

## ଫକୀରମୋହନଙ୍କ ଜୟନ୍ତୀ ପାଳିତ



ଚୌଦ୍ୱାର, ୧୬।୧(ସମିସ): ଚୌଦ୍ୱାର ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ବ୍ୟାସକବିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଡ. ଅଜୟ ମିଶ୍ର, ଗୁଣ୍ଡୁଚି ମୂଷା ପତ୍ରିକା ସମ୍ପାଦକ ଗଣେଶ୍ୱର ସ୍ୱାଇଁ, ଶିକ୍ଷାବିତ୍ ବିଭୁ ପ୍ରଧାନ, ଶାନ୍ତନୁ ପଣ୍ଡା, ମଳୟ ମିଶ୍ର ପ୍ରମୁଖ ଅତିଥି ଭାବେ 'ଟା' ଖଟିରେ ଫକୀରମୋହନ ଓ ଗାଁ ମାଟିରେ କାଳନ୍ଦୀ ଚରଣ' ଶୀର୍ଷକ ବିଷୟବସ୍ତୁ ଉପରେ ବିଷଦ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡଃ ପ୍ରଫୁଲ୍ଲ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ସୁମନ୍ତ ସାହୁ, ଡ. ଦୀପକ ବେହେରା, ରିଙ୍କୁ କିଶନ, ଯୁକ୍ତେଶ୍ୱର ଦାସ, ଦେବାଶିଷ ଷଡ଼ଙ୍ଗୀ, ସ୍ୱର୍ଣ୍ଣପ୍ରଭା ରାଉତ, ଅନୁପମା ତ୍ରିପାଠୀ, ସ୍ୱାଭିମାନ ସାମନ୍ତରାୟ, ଦୀପକ ଦାସ, କାହ୍ନୁଚରଣ ବେହେରା, ରଶ୍ମି ରଞ୍ଜନ ମଙ୍ଗରାଜ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ସଂଘମିତ୍ରା ଦାସ ଧନ୍ୟବାଦ ଦେଇଥିଲେ।

## ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ



ଭଦ୍ରେଶ୍ୱର, ୧୬।୧(ସମିସ): ମାହାଙ୍ଗା ମହିଳା ମହାବିଦ୍ୟାଳୟ ପଲ୍ଲିସାହିର +୩ କଳା ପ୍ରଥମ ବର୍ଷର ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ଆତ୍ମରକ୍ଷା କୌଶଳ ଶିବିର ଉଦଯାପିତ ହୋଇଯାଇଛି। ଗତ ୫ରୁ ଏହି ଶିବିର ୧୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଏହାକୁ ଉଦଘାଟନ କରିଥିଲେ। ଉଦଯାପନୀ ଶିବିରରେ ଶିକ୍ଷା ବିଭାଗର ସଂଯୋଜିକା ଅଧ୍ୟାପିକା ମାମାଲି ମୋନାଲିସା ଦାସ ଅଧ୍ୟକ୍ଷତା କରିଥିଲେ। ସଭାରେ ଅଧ୍ୟାପିକା ପ୍ରମିଳା ରାଉତ, ଡ. ପୁଷ୍ପାଞ୍ଜଳି ଶତପଥୀ, ଗୀତାଞ୍ଜଳି ନାୟକ, ଚିନ୍ମୟୀ ରାଉତ, ସୋନାଲି ପ୍ରିୟଦର୍ଶିନୀ, ବନିତା ବରାଳ, ରାଜେନ୍ଦ୍ର ଠାକୁର, ପ୍ରଶାନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ପ୍ରମିଳା ରାଉତ ଧନ୍ୟବାଦ ଦେଇଥିଲେ।




ଚୌଦ୍ୱାର: ଚୌଦ୍ୱାର ମହାବିଦ୍ୟାଳୟରେ ଦୀର୍ଘ ୮ ଦିନ ଧରି ଛାତ୍ରୀଙ୍କ ପାଇଁ ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଧ୍ୟାପକ ଯୁକ୍ତେଶ୍ୱର ଦାସ, ସୁମନ୍ତ ସାହୁ, ମମତା ସାହୁ, ସୁଚିତ୍ରା ସାହୁ, ଅନୁପମା ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିବିରାର୍ଥିନୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ବିସ୍ମିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଏବଂ ସୌମ୍ୟା ସାମଲ ଧନ୍ୟବାଦ ଦେଇଥିଲେ।

## ଭବିଷ୍ୟତ ପାଇଁ ଆଠଗଡ଼ ସହରର ମାଷ୍ଟରପ୍ଲାନ୍

ଆଠଗଡ଼, ୧୬।୧(ସମିସ)



ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ସହର ଉନ୍ନତିକରଣ ଓ ବର୍ଷାଜଳ ନିଷ୍କାସନ ପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ନିମନ୍ତେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଏକ ଆପୋଷ ବାର୍ତ୍ତାଳାପ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ପ୍ରଭୁଦତ୍ତ ପ୍ରଧାନ, ତହସିଲଦାର ନିକୁଞ୍ଜ ବିହାରୀ ବଡ଼ଜେନା, ଏନ୍‌ଏସି ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ଏବଂ ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହେବାକୁ ଥିବା ଏହି ମାଷ୍ଟର ପ୍ଲାନ୍ ପାଇଁ ଆଠଗଡ଼ ଏନ୍‌ଏସି ଅଞ୍ଚଳର ବର୍ତ୍ତମାନର ମାନଚିତ୍ର ମଧ୍ୟରେ ଥିବା ସମସ୍ତ ପ୍ରକାର ସରକାରୀ ଜମିର କିସମ ପରିବର୍ତ୍ତନ କରାଯାଇ ସେଗୁଡ଼ିକୁ ସରକାରୀ ଖାତାଭୁକ୍ତ କରାଯିବ। ପରବର୍ତ୍ତୀ ସମୟରେ ଏହି ଜମିଗୁଡ଼ିକୁ ସହରର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ବିନିଯୋଗ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଆରଭି ଇଞ୍ଜିନିୟରିଂ କନସୋଲାଣ୍ଟ ଲିମିଟେଡ୍ ପକ୍ଷରୁ ଏହାର ପ୍ରାଥମିକ ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ସର୍ଭେ ରିପୋର୍ଟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯିବା ସହ ଏଥିପାଇଁ ଜନସାଧାରଣଙ୍କ ମତାମତ ଆହ୍ୱାନ କରାଯାଇଛି। ମାଷ୍ଟର ପ୍ଲାନ୍ ଅନୁଯାୟୀ ବିଭିନ୍ନ ସ୍ଥାନରେ ଆବଶ୍ୟକ ପ୍ରକଳ୍ପ ନିର୍ମାଣ ପାଇଁ ୨୬ ଲକ୍ଷ ୯୭ ହଜାର ୮୨୪ ଟଙ୍କାର ବ୍ୟୟ ଅଟକଳ ଧାର୍ଯ୍ୟ ହୋଇଥିବା ବେଳେ ବର୍ଷାଜଳ ନିଷ୍କାସନ ପାଇଁ ଇକୋ ମାଟ୍ରିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଜରିଆରେ ୭୩ ଲକ୍ଷ ଟଙ୍କାର ଅଟକଳ କରାଯାଇଛି। ସହକାରୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର ଏହି ପ୍ରକଳ୍ପ ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିବା ସହ ଏହାଦ୍ୱାରା ସହରର ସାମଗ୍ରୀକ

**ଆପୋଷ ବାର୍ତ୍ତାଳାପ କର୍ମଶାଳା**

ବିକାଶ ସମ୍ଭବ ହୋଇପାରିବ ବୋଲି ପ୍ରକାଶ କରିଛନ୍ତି। ଏହି କର୍ମଶାଳାରେ ଏନ୍‌ଏସିର ସମସ୍ତ କାଉନସିଲର, ଓକିଲ ସଂଘର ସଦସ୍ୟ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏନ୍‌ଏସି ଉପାଧ୍ୟକ୍ଷ ଶୁଭ୍ରଶଙ୍କର ଜ୍ୟୋତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ବରିଷ୍ଠ ସହାୟକ ନିରଞ୍ଜନ ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ପରିବେଶ ଅନୁକୂଳ ଜୀବନଶୈଳୀ ସଂକ୍ରାନ୍ତ ପ୍ରଦର୍ଶନୀ




**ଟାଙ୍ଗୀ, ୧୬।୧(ସମିସ):** ପରିବେଶ ଧାରଣୀୟ ଜୀବନଶୈଳୀ ସଂକ୍ରାନ୍ତ ବ୍ଲକସ୍ତରୀୟ ପ୍ରଦର୍ଶନୀ ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ପ୍ରଭାତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ପରିବେଶ ସଂକ୍ରାନ୍ତ ୪୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ସାମିଲ ହୋଇଥିଲା। ଅତିରିକ୍ତ ବିଇଓ ଅରୁନ୍ଧତି ମିଶ୍ର, ବିଆରସିସି ସୁଷମା ମଞ୍ଜରୀ ଦେଇ ଓ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରେଖା ବେହେରା କାର୍ଯ୍ୟକ୍ରମର ସମୀକ୍ଷା ପୂର୍ବକ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ସିଆରସିସି ଅମୂଲ୍ୟ ଲେଙ୍କା ମଞ୍ଚ ପରିଚାଳନା କରିଥିବାବେଳେ ଅମୀୟ ସାମଲ ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ସିଆରସିସି ଭକ୍ତିରଞ୍ଜନ ସାହୁଙ୍କ ସମେତ ବ୍ଲକ ଅଞ୍ଚଳର ବହୁ ସିଆରସିସି ଓ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଜିଲ୍ଲା ବିଜେଡିର ବନ୍ଧୁ ମିଳନ

**କଟକ, ୧୬।୧(ସମିସ):** କଟକ ଜିଲ୍ଲା ବିଜୁ ଜନତା ଦଳ ଦୋଳମୁଣ୍ଡାଇସ୍ଥିତ ଜିଲ୍ଲା କାର୍ଯ୍ୟାଳୟଠାରେ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା କହିଲେ ଯେ




କଟକ ଜିଲ୍ଲା ସବୁ କ୍ଷେତ୍ରରେ ଓଡ଼ିଶାକୁ ଦିଗଦର୍ଶନ ଦେଇଆସିଛି। ବିଶେଷ କରି ବିଜୁ ଜନତା ଦଳ ପାଇଁ କଟକ ଜିଲ୍ଲା ସର୍ବଦା ମାର୍ଗଦର୍ଶକର ଭୂମିକା ନିର୍ବାହ କରିଆସିଛି। ଖୁବ ଶୀଘ୍ର ତୃଣମୂଳସ୍ତରରେ ସାଙ୍ଗଠନିକ କ୍ଷେତ୍ରରେ ପରିବର୍ତ୍ତନ କରି ନୂତନ ଭାବେ ସଂଗଠିତ ହୋଇ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟକ୍ରମ ବିରୁଦ୍ଧରେ ଓଡ଼ିଶାର ସ୍ୱାର୍ଥ ପାଇଁ ଲଢେଇ କରିବୁ ବୋଲି ଶ୍ରୀ ଦାସବର୍ମା କହିଥିଲେ। କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂହଙ୍କ ଆବାହକତ୍ୱରେ ଅନୁଷ୍ଠିତ ବନ୍ଧୁମିଳନରେ ମହମ୍ମଦ ସକିଲ, ପ୍ରକାଶ ସିଂହ, ପ୍ରଫୁଲ୍ଲ ବେହେରା, ରାଜେନ୍ଦ୍ର ରଣା, ବିଷ୍ଣୁ ସାହୁ, ପ୍ରମୋଦ ମହାପାତ୍ର, ଅଚ୍ୟୁତାନନ୍ଦ ଦାସ, ମନୋରଞ୍ଜନ ଦାଶ, ନିମାଇଁ ବିଶ୍ୱାଳ, ବିଭୂତି ସ୍ୱାଇଁ, ଚନ୍ଦନ ବିଶ୍ୱାଳ, ସଞ୍ଜୟ ବରାଡ଼, ଅଜିତ ପଟ୍ଟନାୟକ, ଅରୁଣ ବୋଷ, ବିରବର ଲେଙ୍କା, ଯୁଧିଷ୍ଠିର ବିଶ୍ୱାଳ, ଅବଦୁଲ କରିମ, ସେକ ରିୟାଜଉଲ୍ଲା, ସତ୍ୟବ୍ରତ ରଣା, ପ୍ରତାପ ନାୟକ ପ୍ରମୁଖ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।

### ବାର୍ଷିକ ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ଆର୍‌ଏନ୍ କ୍ରିକେଟ୍ ଟିମ୍ ଚାମ୍ପିଅନ

**ନେମାଳ, ୧୬।୧(ସମିସ):** ନେମାଳସ୍ଥିତ ଆଜାଦ୍ ହିନ୍ଦ୍ କ୍ରିକେଟ୍ ଆସୋସିଏସନ ଆନୁକୂଲ୍ୟରେ ତିନିଦିନ ବ୍ୟାପି ୨୩ତମ ବାର୍ଷିକ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। କ୍ରୀଡ଼ାବିତ୍ ସେକ୍ ଗୁଲାମ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଶ୍ରୀ ଅଚ୍ୟୁତ ସେନାର ପ୍ରତିଷ୍ଠାତା ସଭାପତି ଅଧ୍ୟାପକ ଡ. ବିନୟ ଦାସ, ଅତିଥିଭାବେ ସମାଜସେବୀ ସନାତନ ସାହୁ, କାଦିର ମହମ୍ମଦ, ସେକ ସିରାଜଉଦ୍ଦିନ, ସେକ ସଲାମ, ଇରଫାନ ଖାନ ପ୍ରମୁଖ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ଆରଏନ କ୍ରିକେଟ ଟିମ୍ ବାଲିଆପଦା ଓ ତରତ କ୍ରିକେଟ ଟିମ୍ ମଧ୍ୟରେ ଆରଏନ କ୍ରିକେଟ ଟିମ୍ ଚାମ୍ପିଅନ୍ ହୋଇଛି। ଟୁର୍ଣ୍ଣାମେଣ୍ଟକୁ ଶେଖ୍ ମାନୱାର ଅଲ୍ଲୀ, ଶେଖ ରିହାନ ଖାଁନ୍, ଶେଖ୍ ଇମରାନ ଖାଁ ଅମ୍ପାୟାର ଥିବା ବେଳେ ସେହେନାୱାଜ ଖାନ, ମିର୍ଜା ଖାଲିଦ ବେଗ, ମେହେଫୁଜ ହୁସେନ, ରିଜୱାନ ଖାନ, ନିରଞ୍ଜନ ସାହୁ ସହଯୋଗ କରିଥିଲେ।



ଭତ୍ତା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା

# ଖାଲି ହାତରେ ଫେରିଲେ ବୃଦ୍ଧବୃଦ୍ଧା

**ସାଲେପୁର, ୧୬।୧(ସମିସ)**

ସରକାରୀ ନିୟମ ଅନୁଯାୟୀ ପ୍ରତିମାସ ୧୫ ତାରିଖରେ ହିତାଧିକାରୀଙ୍କୁ ଭତ୍ତା ମିଳିବା କଥା; ମାତ୍ର ସାଲେପୁର ବ୍ଲକ ପ୍ରଶାସନର ଦାୟିତ୍ୱହୀନତା ଯୋଗୁଁ ଏବେ ୫ଟି ପଞ୍ଚାୟତର ଶତାଧିକ ହିତାଧିକାରୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ବାଲିସାହି, ଶିଶୁଆ, ବାରିଗୋଳ, ପଶ୍ଚିମକଚ୍ଛ ଏବଂ ତେନ୍ତୋଳ ପଞ୍ଚାୟତର ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀମାନେ ଭତ୍ତା ଟଙ୍କା ପାଇଁ ଆସି ନିରାଶ ହୋଇ ଘରକୁ ଫେରିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ୧୫ ତାରିଖ ବ୍ୟାଙ୍କରେ ଅସୁବିଧା ଥିବା ଦର୍ଶାଇ ଆଜି ଅର୍ଥାତ୍ ୧୬ ତାରିଖରେ ଭତ୍ତା ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଆଶାରେ ବହୁ ଦୂରଦୂରାନ୍ତରୁ ବୃଦ୍ଧବୃଦ୍ଧାମାନେ ଆଜି ସକାଳୁ ପଞ୍ଚାୟତ କାର୍ଯ୍ୟାଳୟରେ ଭିଡ଼ ଜମାଇଥିଲେ। ମାତ୍ର ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ମଧ୍ୟ କୌଣସି ଅଧିକାରୀ କିମ୍ବା ଟଙ୍କାର

- ଆଜି ନୁହେଁ; କାଲି କହି ଠକିଲା ପ୍ରଶାସନ
- ପ୍ରଶାସନର ଖାମଖିଆଲି ମନୋଭାବ
- ୫ଟି ପଞ୍ଚାୟତରେ ଭତ୍ତା ସଙ୍କଟ

ଦେଖା ମିଳି ନ ଥିଲା। ବୟସାଧିକ କାରଣରୁ ଅନେକ ବୃଦ୍ଧବୃଦ୍ଧା ଖରା କାକରରେ ବସି ରହି ଶେଷରେ କୋହଭରା ମନରେ ଘରକୁ ଫେରିଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ପଞ୍ଚାୟତଗୁଡ଼ିକରେ କାର୍ଯ୍ୟ କରୁଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅନ୍ୟତ୍ର ବଦଳି ହୋଇସାରିଛି। ମାତ୍ର ସେମାନଙ୍କ ସ୍ଥାନରେ ନୂତନ ଅଧିକାରୀ ନିଯୁକ୍ତି କରାଯାଇ ନ ଥିବାରୁ ଭତ୍ତା ବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ବ୍ଲକର ଅନ୍ୟ ପଞ୍ଚାୟତଗୁଡ଼ିକରେ ଭତ୍ତା ବଣ୍ଟା ସରିଥିବା ବେଳେ ଏହି ୫ଟି ପଞ୍ଚାୟତରେ କାହିଁକି ବ୍ୟତିକ୍ରମ ଘଟିଲା, ତାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏହି ସମ୍ପର୍କରେ ସାଲେପୁର ବିଡିଓ ଲୋପାମୁଦ୍ରା ନାୟକ କହିଛନ୍ତି ଯେ ବ୍ୟାଙ୍କରୁ ଟଙ୍କା ଉଠାଣରେ ସମସ୍ୟା ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ଶନିବାର ସୁଦ୍ଧା ବାକି ରହିଥିବା ସମସ୍ତ ୫ଟି ପଞ୍ଚାୟତର ହିତାଧିକାରୀଙ୍କୁ ନିଶ୍ଚିତ ଭାବେ ଭତ୍ତା ପ୍ରଦାନ କରାଯାଇ ସମସ୍ୟାର ସମାଧାନ କରାଯିବ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**କନ୍ଦରପୁର, ୧୬।୧(ସମିସ):** କଟକ ସଦର କନ୍ଦରପୁର ମହାବିଦ୍ୟାଳୟରେ ଦୀର୍ଘ ୮ ଦିନ ଧରି ଚାଲି ଆସୁଥିବା ବାଳିକାଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର +୩ ପ୍ରଥମ ବର୍ଷର ୧୩୨ ଜଣ ଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ୱାତି ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଗୀତାଞ୍ଜଳି ଦାସଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ଭାବରେ ପ୍ରିୟଙ୍କା ରାଉତରାୟ, ସୁଶ୍ରୀ ଶୁଭଶ୍ରୀ ଲେଙ୍କା ଦାୟିତ୍ୱ ନିର୍ବାହ କରିଥିଲେ। ଉତ୍ସବରେ ଡ. ନମିତା ପଟ୍ଟନାୟକ, ରାମଚନ୍ଦ୍ର ମହାନ୍ତି, ସରିତା ରଥ, ପ୍ରତିମା ସାହୁ, ସଞ୍ଜୟ କେତନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଅଫିସ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପିକା ଦୀପାଳି ରାଉତ ଧନ୍ୟବାଦ ଦେଇଥିଲେ।

# କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ



**ଭଦ୍ରେଶ୍ୱର, ୧୬।୧(ସମିସ):** ମାହାଙ୍ଗା ବ୍ଲକ ଉମର ଗ୍ରାମପଞ୍ଚାୟତ ପୁରୁଣାମଠ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ଗଙ୍ଗୋତ୍ରୀ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିରୂପେ ମାହାଙ୍ଗା ବ୍ଲକର ପ୍ରାକ୍ତନ ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ରାଉତ, ସମ୍ମାନିତ ଅତିଥିଭାବେ ଡ. ଏକାଦଶୀ ପ୍ରଧାନ, ମୁଖ୍ୟବକ୍ତାଭାବେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସଦର ସମ୍ପାଦକ ଗୌତମ ଜେନା, ସମାଜସେବୀ ପୁରୁଷୋତ୍ତମ ଜେନା ଓ ଶିଶୁ କବି ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଶ୍ରୀନିବାସ ବେହେରା ଓ ଲକ୍ଷ୍ମୀପ୍ରିୟା ଓଝା କନିଷ୍ଠ ବିଭାଗରେ ହିମାଂଶୁ ଶେଖର ଦାସ ଓ ତମନ୍ନା ଦାସ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଓ ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥିଲେ।

### ଆଗ୍ରାହାଟ କପ୍ ଫୁଟ୍‌ବଲ

# ଫାଇନାଲରେ ସାଇରାମ ମର୍ଣ୍ଣିଂ ଏଫ୍‌ସି

**ଚୌଦ୍ୱାର, ୧୬।୧(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ସ୍ପୋର୍ଟସ କ୍ଲବ୍ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଆଗ୍ରାହଟ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଭୁବନେଶ୍ୱରର ନଟ ଏଟ୍ ଟିମ ସହିତ କଟକର ସାଇରାମ ମର୍ଣ୍ଣିଂ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ହୋଇଥିବା ବେଳେ ୩-୦ ଗୋଲରେ ସାଇରାମ ମର୍ଣ୍ଣିଂ ଫାଇନାଲରେ ପ୍ରବେଶ କରିଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଧର୍ମାନନ୍ଦ ବେହେରା, ଓଡ଼ିଶା ଟେନିସ୍ ବଲ ଆସୋସିଏସନ୍ ସଭାପତି ସଞ୍ଜୟ ଜେନା ଅତିଥି ଭାବେ ଆଗ୍ରାହାଟ ଖେଳ ପଡ଼ିଆର ଉନ୍ନତି ଦିଗରେ ସହଯୋଗ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ରେଫରି ଲକୀ ହେମ୍ବ୍ରମ, ରାମଚନ୍ଦ୍ର ଆଲଦା ଓ ଏମଡି ସାକଲିନ ଖେଳ ପରିଚାଳନା କରିଥିଲେ। ଦିଲ୍ଲୀପ ନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ। ଅଶୋକ ବରାଳ, ପ୍ରକାଶ ଜେନା, ଚନ୍ଦ୍ରଶେଖର ମହାନ୍ତି, ଲୋକନାଥ ମାଝୀ, ଶିବନାରାୟଣ ପରିଡ଼ା ପରିଚାଳନା କରିଥିଲେ। ଆସନ୍ତା ରବିବାର ଫାଇନାଲ ମ୍ୟାଚ୍ କଟକର ସାଇରାମ ମର୍ଣ୍ଣିଂ ଓ ଫୁଟବଲ ଅସୋସିଏସନ ଓଡ଼ିଶା (ଫାଓ), କଟକ ମଧ୍ୟରେ ଅନୁଷ୍ଠିତ ହେବ।

# କନ୍ଦରପୁର କଲେଜର ବାର୍ଷିକ ଉତ୍ସବ



**କନ୍ଦରପୁର, ୧୬।୧(ସମିସ):** କଟକ ସଦର ଅନ୍ତର୍ଗତ କନ୍ଦରପୁର କଲେଜର ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଅଧ୍ୟକ୍ଷା ଡଃ ସ୍ୱାତୀ ପଣ୍ଡାଙ୍କ ପୌରୋହିତ୍ୟ ଏବଂ ଅଧ୍ୟାପକ ପ୍ରଦୀପ୍ତ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ସଭାରେ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀଙ୍କ ସମେତ ବାଲିକୁଦା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଗୀତିକାର, ସଙ୍ଗୀତକାର, କଣ୍ଠଶିଳ୍ପୀ ପ୍ରାଧ୍ୟାପକ ଦେବେନ୍ଦ୍ରନାଥ ବାରିକ, ଓଡ଼ିଆ ଚଳଚ୍ଚିତ୍ର ତାରକା ପୁନମ୍ ମିଶ୍ର, ଲୋରିଆ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଡ. ନମିତା ପଟ୍ଟନାୟକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ପ୍ରଦୀପ ବିଶ୍ୱାଳ, ଅଧ୍ୟାପକ ଆଦିତ୍ୟ ସ୍ୱାଇଁ, ଅଧ୍ୟାପିକା ଲକ୍ଷ୍ମୀ ବେଉରିଆ, ଅଧ୍ୟାପକ ଏସ୍ ଚକ୍ରବର୍ତ୍ତୀ, ବରିଷ୍ଠ କିରାଣି ସଞ୍ଜୟ ମିଶ୍ର, ବାବାଜୀ ବିଶ୍ୱାଳ, ସଂଗ୍ରାମ ବେହେରାଙ୍କ ସମେତ ସମସ୍ତ ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀ ସହାୟତା କରିଥିଲେ। ଅଧ୍ୟାପକ ସଂଗ୍ରାମ କେଶରୀ ଜଗଦେବ ଧନ୍ୟବାଦ ଦେଇଥିଲେ।

# ମିଲେଟ୍ ଶକ୍ତି ଟିଫିନ୍ ସେଣ୍ଟର ଉଦ୍‌ଘାଟିତ



**ତିଗିରିଆ, ୧୬।୧(ସମିସ):** ରାଜ୍ୟ ସରକାରଙ୍କ କୃଷି ବିଭାଗ ତଥା ଶ୍ରୀଅନ୍ନ ଯୋଜନା ଆନୁକୂଲ୍ୟରେ ତିଗିରିଆ ବ୍ଲକ ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତ ଭିରୁଡ଼ା ଗ୍ରାମ ଓ ବ୍ଲକ କାର୍ଯ୍ୟାଳୟରେ ଦୁଇଟି ମିଲେଟ ଶକ୍ତି ଟିଫିନ ସେଣ୍ଟର ଉଦଘାଟିତ ହୋଇଯାଇଛି। ଭିରୁଡ଼ା ପଞ୍ଚାୟତର ମା' ଭୈରବୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ନିଜିଗଡ଼ ପଞ୍ଚାୟତର ମଦିନା ସରିଫ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ବିଶିଷ୍ଟ ଅତିଥି ଭାବେ ଦୁଇ ଜିଲ୍ଲା ପରିଷଦ ସଭ୍ୟ ସସ୍ମିତା ରାଉତ ଓ ସଞ୍ଜୟ ମଲ୍ଲିକଙ୍କ ସମେତ ସମ୍ମାନିତ ଅତିଥି ଭାବେ ବିଡ଼ିଓ ମନସ୍ୱିନୀ ଦାସ, ବ୍ଲକ କୃଷି ଅଧିକାରୀ ସନାତନ ବେହେରା, ବ୍ଲକ ମିଶନ ଶକ୍ତି ସଭାପତି ସମସୁରା ବେଗମ, ଭିରୁଡ଼ା ପଞ୍ଚାୟତ ସରପଞ୍ଚ ବେଣୁଧର ସାହୁ, ବିପିସି ତପନ ମହାନ୍ତି, ବିପିଏମ ମହେନ୍ଦ୍ର କୁଣ୍ଡୁ ପ୍ରମୁଖ ଯୋଗ ଦେଇଥିଲେ। ଟିଫିନ ସେଣ୍ଟରରେ ଉଭୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଜଳଖିଆ ପ୍ରସ୍ତୁତ କରିବେ।

### ୩୫ତମ ଗଦାଧରପୁର କପ୍ କ୍ରିକେଟ

# ଫାଇନାଲରେ ଜଗଦୀଶ ୱାରିୟର

**ତିଗିରିଆ, ୧୬।୧(ସମିସ):** ତିଗିରିଆ ବ୍ଲକ ଗଦାଧରପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ମା' ଭବାନୀ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୫ତମ ଗଦାଧରପୁର କପ କ୍ରିକେଟ ପ୍ରତିଯୋଗିତାର ଅନ୍ତିମ ସେମିଫାଇନାଲ ମ୍ୟାଚରେ ଖୋର୍ଦ୍ଧା କୁମାରବସ୍ତର ରାଇଜିଂ ଷ୍ଟାର କ୍ରିକେଟ କ୍ଲବକୁ ୫୮ ରନରେ ପରାସ୍ତ କରି କଟକର ଜଗଦୀଶ ୱାରିୟର କ୍ରିକେଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। ବ୍ୟାଟିଂରେ ବିଜୟୀ କଟକ ଦଳର ଖେଳାଳି ସିଏସ କାନୁନଗୋ ୪୦ ରନ ଓ ବୋଲିଂରେ ବିପକ୍ଷ ଦଳର ୨ଟି ମୂଲ୍ୟବାନ ୱିକେଟ ଅକ୍ତିଆର କରି ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।




ମୁଖ୍ୟଅତିଥି ଭାବେ ରାଜ୍ୟ ଓପଲଫେଡର ସଭାପତି ଭୋଳେଶ୍ୱର ସ୍ୱାଇଁ ଯୋଗ ଦେଇଥିଲେ। ଖେଳକୁ ରଶ୍ମିରଞ୍ଜନ ରାଉତ ଓ ନରେଶ ରାଉତ ପରିଚାଳନା କରିଥିଲେ। ଶରତ ରାଉତ, ମାନସ ବାରିକ, ବାମଦେବ ସ୍ୱାଇଁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ରବିବାର ଫାଇନାଲ ମ୍ୟାଚ ଜଗତସିଂହପୁରର ବିଏନସିସି କ୍ରିକେଟ କ୍ଲବ ଓ କଟକ ଜଗଦୀଶ ୱାରିୟର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

# ବିଭିନ୍ନ ଧାନମଣ୍ଡି ଉଦ୍‌ଘାଟିତ

### ଅମାନ୍ତିଆ।

**ବଡ଼ମ୍ବା, ୧୬।୧(ସମିସ):** ବଡ଼ମ୍ବା ବ୍ଲକ ଅମାନ୍ତିଆ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ବୁଧବାର ପ୍ରଥମ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ବଡମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବଡମ୍ବା ଶାଖା ପରିଚାଳକ ସୂର୍ଯ୍ୟମଣୀ ମଲ୍ଲିକ, ଆଠଗଡ଼ ଏସଏଆରସିଏସ ପ୍ରତିଜ୍ଞା ସାହୁ, ବାଙ୍କୀ ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ପରିଡ଼ା, କୃଷି ସମବାୟ ସମିତିର ସଭାପତି ବଟକୃଷ୍ଣ ଅତବୁଦ୍ଧି, ପ୍ରାକ୍ତନ ସମବାୟବିତ ବ୍ରଜବିହାରୀ ସାହୁ, ସମବାୟ ସମିତିର ସମ୍ପାଦକ ତପନ ପ୍ରଧାନ, ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ୬ ଶହ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ ସଂଗ୍ରହ ହୋଇଛି।

### କଣ୍ଟା।

ବଡ଼ମ୍ବା ବ୍ଲକ ଗୋପାଳପୁର ପଞ୍ଚାୟତ କଣ୍ଟା ଗ୍ରାମର ୪ଏସ୍‌୪ଆର୍ କୃଷି ଉତ୍ପାଦକ ସଙ୍ଘ ଆନୁକୂଲ୍ୟରେ ପ୍ରଥମ ମାଣ୍ଡିଆ ମଣ୍ଡି ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଡମ୍ବା ବିଧାୟକ ବିଜୟ କୁମାର ଦଳ ବେହେରା, ବିଶିଷ୍ଟ ଅତିଥି ଭାବେ ପଞ୍ଚାୟତସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲ୍ଲା ଡି.ଡବଲ୍ୟୁଓ ମଧୁସ୍ମିତା ମହାପାତ୍ର, ଜିଲ୍ଲା ପ୍ରୋଜେକ୍ଟ ଅଧିକାରିଣୀ ଜ୍ୟୋତିର୍ମୟୀ ବେହେରା, ଶ୍ରୀଅନ୍ନ ଯୋଜନା ଜିଲ୍ଲା ସଂଯୋଜକ ଅମିତ ପ୍ରଧାନ, ପ୍ରାକ୍ତନ ସରପଞ୍ଚ କାଳନ୍ଦୀଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋପାଳପୁର ସରପଞ୍ଚ ରୁନୁ ଦାସ, ଆଠଗଡ଼ ଏଡିଓ ଶିବାଶିଷ ମିଶ୍ର, ବଡମ୍ବା କୃଷି ଅଧିକାରିଣୀ ଭାସ୍ୱତୀ ଆଚାର୍ଯ୍ୟ, ଆଇନଜୀବୀ ସନ୍ତୋଷ ବେହେରା, ସିଇଓ ସରୋଜ ସାମଲ, ଭିଏଲଡବଲ୍ୟୁ ଶିବବ୍ରତ ଉତ୍ତରା, ଫୋର ଏସ ଫୋର ଆରର ନିର୍ଦ୍ଦେଶକ ଦାଶରଥି ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ୨୦ ଜଣ ଚାଷୀଙ୍କଠାରୁ ୪୦ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି। ପ୍ରୀତିରଞ୍ଜନ ସେନାପତି, ଜ୍ୟୋତିପ୍ରକାଶ ମଲ୍ଲିକ, କିସାନ ପ୍ରଧାନ, ନାରାୟଣଚନ୍ଦ୍ର ମିଶ୍ର ସହଯୋଗ କରିଥିବା ବେଳେ ନିର୍ଦ୍ଦେଶକ ନବଘନ ବେହେରା ଧନ୍ୟବାଦ ଦେଇଥିଲେ।

# ସ୍ୱଦେଶୀ ରଥକୁ ସ୍ୱାଗତ

**ବଡମ୍ବା, ୧୬।୧(ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହଭାଗୀ ସଂଗଠନ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶାପୂର୍ବ ପ୍ରାନ୍ତ ତରଫରୁ ଘରେ ଘରେ ସ୍ୱଦେଶୀର ବାର୍ତ୍ତା ପହଞ୍ଚାଇବା ପାଇଁ ସାରା ପୂର୍ବ ଓଡ଼ିଶାରେ ଏକ ସ୍ୱଦେଶୀ ରଥ ପରିକ୍ରମା କରୁଛି। ଗତ ୧୨ ତାରିଖରୁ ଜଗନ୍ନାଥ ଧାମ ପୁରୀରୁ ବାହାରି ଏହା ରାତ୍ରି ସମୟରେ ବଡମ୍ବା ଗାନ୍ଧୀ ଛକ ନିକଟରେ ପହଞ୍ଚିଥିଲା। ସ୍ୱଦେଶୀ ସଂକଳ୍ପ ଯାତ୍ରାର ସହ ସଂଯୋଜକ ପ୍ରହଲ୍ଲାଦ ବେହେରା, ସ୍ୱଦେଶୀ ଜାଗରଣ ମଞ୍ଚର କ୍ଷେତ୍ରୀୟ ସଂଯୋଜକ ଆଶୁତୋଷ ମୁଖାର୍ଜୀ, ନୟାଗଡ଼ ଜିଲ୍ଲା ସଂଯୋଜକ ହୃଷୀକେଶ ବାରିକ ଓ ପ୍ରାନ୍ତ ସଂଗଠକ ରାଜେଶ ଦାଶ ଉପସ୍ଥିତ ଥିଲେ। ବଡମ୍ବା ବଜାରରେ ପହଞ୍ଚିବା ପରେ ସଂକଳ୍ପ ରଥକୁ ବଜାରବାସୀ ସହ ସ୍ଥାନୀୟ ନାଗରିକମାନେ ଭବ୍ୟ ଢଙ୍ଗରେ ସ୍ୱାଗତ କରିଥିଲେ। ଶିକ୍ଷାବିତ ରାଧାଶ୍ୟାମ ମିଶ୍ର ସ୍ୱଦେଶୀ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, କଟକ ଜିଲ୍ଲା ମୁଖ୍ୟମାର୍ଗ ପ୍ରମୁଖ ରମେଶ ଚନ୍ଦ୍ର ବେହେରା, ବଡମ୍ବା ଖଣ୍ଡ କାର୍ଯ୍ୟବାହ ମାନସ ରଞ୍ଜନ ଘଡେଇ, ଖଣ୍ଡ ସମ୍ପର୍କ ପ୍ରମୁଖ ଅଧିବକ୍ତା ଅଖିଳ ଦାସ, ଖଣ୍ଡ ବ୍ୟବସ୍ଥା ପ୍ରମୁଖ ନିଗମାନନ୍ଦ ନାୟକ, କାଳନ୍ଦୀ ଚନ୍ଦ୍ର ତରାସିଆ, ମନୋଜ ଉଦୟଭାନୁ, ଦୁର୍ଗା ବଜାର ବଣିକ ସଂଘ ସମ୍ପାଦକ ସରୋଜ ମିଶ୍ର, ଗାନ୍ଧିବଜାର ବଣିକ ସଂଘ ସମ୍ପାଦକ ମନୋଜ ମହାନ୍ତି, ବିଶ୍ୱହିନ୍ଦୁ ପରିଷଦ ବଡମ୍ବା ପ୍ରଖଣ୍ଡ ସଭାପତି ସନ୍ତୋଷ ପଟ୍ଟନାୟକ, ହିନ୍ଦୁସେନା ବଡମ୍ବା ମଣ୍ଡଳ ସଭାପତି ମନୋଜ ସାହୁ ଏବଂ ଅଧିବକ୍ତା ଗିରିଜା ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ଥାନା ବଜାର ବଣିକ ସଂଘ ସଭାପତି ପ୍ରଫୁଲ୍ଲ ତରାସିଆ ଧନ୍ୟବାଦ ଦେଇଥିଲେ।



# ଆଠଗଡ଼ରେ ସ୍ୱଦେଶୀ ଜାଗରଣ ମଞ୍ଚର ସଚେତନତା ରଥ

**ଆଠଗଡ଼, ୧୬।୧(ସମିସ):** ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଆଠଗଡ଼ ବିଜ୍ଞାପିତ ଅଞ୍ଚଳରେ ଏକ ସଚେତନତା ରଥ ବିଜ୍ଞାପିତ ଅଞ୍ଚଳର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରୁ ବାହାରି ଆଠଗଡ଼ ସହର ପରିକ୍ରମା କରିଥିଲା। ଏହି ରଥ ବିଦେଶୀ ଜିନିଷ ବର୍ଜନ କରିବା ସହିତ ସ୍ୱଦେଶୀ ଜିନିଷ ବ୍ୟବହାର କରିବା ଲାଗି ସଚେତନତା ବାର୍ତ୍ତା ନେଇ ସାଧାରଣ ଲୋକଙ୍କୁ ସଚେତନ କରାଇଥିଲା। ରଥକୁ ଅତିଥି ଭାବେ କଟକ ଜିଲ୍ଲାର ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି ଯୋଗଦେଇ ଶୁଭାରମ୍ଭ କରିଥିଲେ। ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀମାନେ ସ୍ୱାଗତ କରିଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚର ପୂର୍ବ ପ୍ରାନ୍ତ ସଂଗଠକ ରାଜେଶ ଦାସ, ପୁରୀ ବିଭାଗ ସଂଯୋଜକ ପ୍ରଶାନ୍ତ ଭୂୟାଁ, ପ୍ରାନ୍ତ ସଂଘର୍ଷ ବାହିନୀ ପ୍ରମୁଖ ପ୍ରହଲ୍ଲାଦ ବେହେରା, ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ହୃଷୀକେଶ ପ୍ରଧାନ ଯୋଗ ଦେଇଥିଲେ। ଆଇନଜୀବୀ ଲଳିତ ସାହୁ, ବିଜେପି କଟକ ଗ୍ରାମୀଣ ସମ୍ପାଦକ ଉମାକାନ୍ତ ସେଠୀ, ସମାଜସେବୀ ନିଗମ ସ୍ୱାଇଁ, ପ୍ରସନ ଭକ୍ତା, ସାମ୍ବାଦିକ ନୀଳକଣ୍ଠ ଦୋରା, ହିମାଂଶୁ ଶେଖର ସାହୁଙ୍କ ସମେତ ଆଠଗଡ଼ ଅଞ୍ଚଳର ଗୋପବନ୍ଧୁ ମହିଳା ମହାବିଦ୍ୟାଳୟ, ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ, ବିଶ୍ୱନାଥ ବିଦ୍ୟାପୀଠର ଛାତ୍ରଛାତ୍ରୀଙ୍କ ସହ ଏନସିସି, ସ୍କାଉଟ କ୍ୟାଡେଟ ଯୋଗ ଦେଇଥିଲେ।



# ଯାତ୍ରାରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ବନ୍ଦ ଦାବି



**ଚୌଦ୍ୱାର, ୧୬।୧(ସମିସ):** ଯାତ୍ରାରେ ହେଉଥିବା ଅଶ୍ଳୀଳ ନୃତ୍ୟ ଓ ଅଙ୍ଗ ପ୍ରଦର୍ଶନକୁ ବିରୋଧ କରି ଏହାକୁ ବନ୍ଦ କରିବା ପାଇଁ ରାଜ୍ୟ ମାନବାଧିକାର କାଉନ୍‌ସିଲ୍ ତରଫରୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କାଉନ୍‌ସିଲର ସଭାପତି ସସ୍ମିତା ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଚୌଦ୍ୱାର ଥାନା ଆଇଆଇସି ରଜନୀକାନ୍ତ ଦାସଙ୍କୁ ଭେଟି ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଯାତ୍ରା ସଂସ୍କୃତି ଓଡ଼ିଶାର ଏକ ପାରମ୍ପରିକ କଳା ସଂସ୍କୃତି ହୋଇଥିବା ବେଳେ ଅଶ୍ଳୀଳ ନୃତ୍ୟ ଓ ଅଙ୍ଗ ପ୍ରଦର୍ଶନକୁ ତୁରନ୍ତ ବନ୍ଦ କରିବା ସହିତ ଏଭଳି ଅପକର୍ମରେ ଜଡ଼ିତ ବ୍ୟକ୍ତି ବିଶେଷଙ୍କୁ ଗିରଫ କରିବା ପାଇଁ କାଉନସିଲ ତରଫରୁ ଦାବି କରାଯାଇଛି। ପ୍ରତିନିଧି ମଣ୍ଡଳୀରେ ସଞ୍ଜିତ ମହାନ୍ତି, ସବିତା ଦାସ, ନାରାୟଣ ବିଶ୍ୱାଳ, ସତ୍ୟବ୍ରତ ଦାସ, ସଚିଦାନନ୍ଦ ରାଉତ, ଶିବାୟ ସାହୁ, ପରୀକ୍ଷିତ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୦୦ • ପାଉଣ୍ଡ ୧୨୧.୧୬
- ୟୁରୋ ୧୦୫.୫୬ • ୟେନ୍ ୦.୫୭


**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୧,୪୫୦ (ନୂଆଦିଲ୍ଲୀ)
- ରୁପା : ୨,୯୫,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୫୭୦.୦୦
- ନିଫ୍ଟି ୨୫,୬୯୪.୦୦

**ପେଟ୍ରୋଲ-ଡିଜେଲ୍**




ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ୟୁପିଆଇ କାରବାରରେ ଲାଗିବ ଶୁଳ୍କ!

## ଏମ୍‌ଡିଆର୍ ଲାଗୁ କରିବାକୁ ଫିନଟେକ୍ କମ୍ପାନୀଙ୍କ ଦାବି

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ୟୁପିଆଇ ଭାରତରେ ଡିଜିଟାଲ୍ ପେମେଣ୍ଟର ମେରୁଦଣ୍ଡ ପାଲଟିଛି। ଦେଶରେ ୟୁପିଆଇ କାରବାର ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି, କିନ୍ତୁ ସରକାରୀ ପ୍ରୋତ୍ସାହନ ହ୍ରାସ ପାଉଛି। ହେଲେ ଦେଶର ଫିନଟେକ୍ କମ୍ପାନୀଗୁଡ଼ିକର କହିବା ହେଉଛି, ଏକ ସ୍ଥାୟୀ ମଡେଲ୍ ବିନା, ଡିଜିଟାଲ୍ ପେମେଣ୍ଟ ଇକୋସିଷ୍ଟମ୍ ସଙ୍କଟର ସମ୍ମୁଖୀନ ହୋଇପାରେ। ପନିପରିବା ବିକ୍ରେତାଙ୍କଠାରୁ ଆରମ୍ଭ କରି ମଲ୍ ପର୍ଯ୍ୟନ୍ତ ସବୁଠି କ୍ୟୁଆର୍ କୋଡ୍ ପେମେଣ୍ଟ ସାଧାରଣ ହୋଇଗଲାଣି। କିନ୍ତୁ ବର୍ତ୍ତମାନ, ଏହି ମାଗଣା ବ୍ୟବସ୍ଥା ପରିଚାଳନା କରୁଥିବା ଫିନଟେକ୍ କମ୍ପାନୀଗୁଡ଼ିକ ଏହାକୁ ନେଇ ବେଶ ଚିନ୍ତିତ। ଫୋନ୍ ପେ' ସମେତ ଅନେକ ଫିନଟେକ୍ କମ୍ପାନୀ କହିଛନ୍ତି ଯେ ଯଦି ଏକ ସ୍ଥାୟୀ ରାଜସ୍ୱ ନ ମିଳିଲେ ଆଗକୁ ୟୁପିଆଇ ଇକୋସିଷ୍ଟମ୍ ସ୍ଥାୟୀ ହେବ ନାହିଁ। ଫୋନ୍ ପେ' ଅନୁଯାୟୀ, ୟୁପିଆଇ ନେଟୱାର୍କ ଚଳାଇବା ଅତ୍ୟନ୍ତ ମହଙ୍ଗା। ପ୍ରଯୁକ୍ତି ଭିତ୍ତିଭୂମି, ସର୍ଭର, ସାଇବର ସୁରକ୍ଷା,




ଠିକେଇ ରାଖିବା, ଗ୍ରାହକ ସହାୟତା ଏବଂ ନୂତନ ଉପଭୋକ୍ତା ଏବଂ ବ୍ୟବସାୟୀଙ୍କୁ ଯୋଡିବା ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ। ଫିନ୍‌ଟେକ୍ କମ୍ପାନୀଗୁଡିକ ୟୁପିଆଇ କାରବାରରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମ୍‌ଡିଆର୍) ଲାଗୁ କରିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ତେଣୁ ଆଗକୁ ୟୁପିଆଇ କାରବାରରେ ଶୁଳ୍କ ଲାଗୁ ସମ୍ଭାବନା ରହିଛି।

ଫୋନ୍ ପେ'ର କହିବାନୁଯାୟୀ, ୨୦୨୩-୨୪ରେ ସରକାରଙ୍କଠାରୁ କମ୍ପାନୀକୁ ୩୯୦୦ କୋଟି ଟଙ୍କା ପ୍ରୋତ୍ସାହନ ରାଶି ଆକାରରେ ମିଳିଥିଲା, କିନ୍ତୁ ସେହି ପରିମାଣ ମଧ୍ୟ ଏହାର ଖର୍ଚ୍ଚ ତୁଳନାରେ ପର୍ଯ୍ୟାପ୍ତ ନ ଥିଲା। ୨୦୨୪-୨୫ ରେ ଏହି ପରିମାଣ ୧୫୦୦ କୋଟି ଟଙ୍କାକୁ ହ୍ରାସ ପାଇଛି ଏବଂ ବର୍ତ୍ତମାନର ବଜେଟରେ କେବଳ ୪୨୭ କୋଟି ଟଙ୍କା ଆବଣ୍ଟିତ ହୋଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ମଧ୍ୟ ଏହି ପ୍ରସଙ୍ଗରେ କହିଛନ୍ତି ଯେ ୟୁପିଆଇ ଦେଶକୁ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରିଛି, କିନ୍ତୁ କାହାକୁ ଏହାର ମୂଲ୍ୟ ବହନ କରିବାକୁ ପଡିବ। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ୟୁପିଆଇ ସବୁଦିନ ପାଇଁ ମାଗଣା ରହିପାରିବନାହିଁ; ଏହାର ଏକ ମୂଲ୍ୟ ଅଛି, ଏବଂ କାହାକୁ ଏହା ଦେବାକୁ ପଡିବ। ପେମେଣ୍ଟସ୍ କାଉନସିଲ୍ ଅଫ୍ ଇଣ୍ଡିଆ (ପିସିଆଇ) ମଧ୍ୟ ଚେତାବନୀ ଦେଇଛି ଯେ ବର୍ତ୍ତମାନର ମଡେଲ୍ କମ୍ପାନୀଗୁଡ଼ିକ ପାଇଁ ସ୍ଥାୟୀ ନୁହେଁ। ଫିନ୍‌ଟେକ୍ ସଂଘ କହିଛି ଯେ ଯଦି ଶୀଘ୍ର ଏହାର ସମାଧାନ ନ ହୁଏ, ତେବେ ଅନେକ ଫିନଟେକ୍ କମ୍ପାନୀଗୁଡ଼ିକୁ ସେମାନଙ୍କର କାର୍ଯ୍ୟ ସୀମିତ କରିବାକୁ ବାଧହେବେ। ବିଶେଷକରି ଗ୍ରାମାଞ୍ଚଳ ଏବଂ ଛୋଟ ସହରରେ କମ୍ପାନୀ କାମ ସୀମିତ ରଖିବ। । ଆଶ୍ଚର୍ଯ୍ୟଜନକ ଭାବରେ, ଗୋଟିଏ ପଟେ ୟୁପିଆଇ ବ୍ୟବହାର ରେକର୍ଡ ସ୍ତରରେ ପହଞ୍ଚିଛି। ଏନ୍‌ପିସିଆଇ ତଥ୍ୟ ଅନୁଯାୟୀ କେବଳ ଅକ୍ଟୋବରରେ ୨୦.୭ ବିଲିୟନ ୟୁପିଆଇ କାରବାର ହୋଇଥିଲା, ଯାହାର ମୋଟ ମୂଲ୍ୟ ୨୭.୨୮ ଲକ୍ଷ କୋଟି ଟଙ୍କା। ଦେଶରେ ପ୍ରାୟ ୮୫% ଡିଜିଟାଲ୍ ପେମେଣ୍ଟ ବର୍ତ୍ତମାନ ୟୁପିଆଇ ମାଧ୍ୟମରେ ହୁଏ। ଏହାର ପହଞ୍ଚ ଟାୟାର-୨ ଏବଂ ଟାୟାର-୩ ସହରଗୁଡ଼ିକରେ ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି।

ଏହି ସମୟରେ ଫିନଟେକ୍ କମ୍ପାନୀଗୁଡ଼ିକ ଦାବି କରୁଛନ୍ତି ଯେ ସରକାର ସବସିଡିକୁ ଯଥେଷ୍ଟ ବୃଦ୍ଧି କରନ୍ତୁ କିମ୍ବା ଏକ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମ୍‌ଡିଆର୍) ଲାଗୁ କରିବାକୁ ଅନୁମତି ଦିଅନ୍ତୁ। ପ୍ରସ୍ତାବ ହେଉଛି ଛୋଟ ଦୋକାନୀ ଏବଂ ସାଧାରଣ ବ୍ୟବହାରକାରୀଙ୍କ ପାଇଁ ୟୁପିଆଇ ମାଗଣା ରଖିବା, କିନ୍ତୁ ବଡ଼ ବ୍ୟବସାୟୀମାନଙ୍କ (ଯେଉଁମାନଙ୍କର ବାର୍ଷିକ କାରବାର ୧୦ କୋଟି ଟଙ୍କାରୁ ଅଧିକ) ଠାରୁ ୦.୨୫% ରୁ ୦.୩୦% ପର୍ଯ୍ୟନ୍ତ ନାମମାତ୍ର ଏମ୍‌ଡିଆର୍ ଆଦାୟ କରିବା। କମ୍ପାନୀଗୁଡ଼ିକ ଯୁକ୍ତି ଦେଖାଇଛନ୍ତି ଯେ ଏହା ସାଧାରଣ ଲୋକଙ୍କ ଉପରେ ବୋଝ ହେବ ନାହିଁ ବରଂ ସିଷ୍ଟମକୁ ସ୍ଥାୟୀ କରିବା ପାଇଁ ଆବଶ୍ୟକୀୟ ପାଣ୍ଠି ଯୋଗାଇବ। ୨୦୨୬ ବଜେଟ୍ ପୂର୍ବରୁ ଏହି ପ୍ରସଙ୍ଗ ଅଧିକ ଉଷ୍ମ ହେବାରେ ଲାଗିଛି।

# ବେଆଇନ ଭାବେ ୱାକିଟକି ବିକ୍ରି କରି ଫସିଲେ ଆମାଜନ, ଫ୍ଲିପ୍‌କାର୍ଟ, ମିସୋ

**ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି):** ଦେଶରେ ବେଆଇନ ଭାବେ ୱାକିଟକି ବିକ୍ରି କରି ଫସିଛନ୍ତି ଆମାଜନ, ଫ୍ଲିପ୍‌କାର୍ଟ, ମିସୋ ଭଳି ଇ-କମର୍ସ କମ୍ପାନୀ। ଏମାନଙ୍କୁ ମିଶାଇ ୮ ଇ-କମର୍ସ କମ୍ପାନୀ ଉପରେ ସରକାର ଲଗାଇଛନ୍ତି ୪୮ ଲକ୍ଷ ଟଙ୍କାର ଜୋରିମାନା। କମ୍ପାନୀଗୁଡିକ ବିରୋଧରେ ବେଆଇନ ଭାବେ ୱାକିଟକି ବିକ୍ରି ପାଇଁ ଲିଷ୍ଟିଂ କରିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଏହାପରେ କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (ସିସିପିଏ) ନିଜ ଆଡୁ କାର୍ଯ୍ୟାନୁଷ୍ଠାନ ନେଇ ୮ ଇ-କମର୍ସ କମ୍ପାନୀ ଉପରେ ଜୋରିମାନା ଲାଗୁ କରିଛି। ଏପରି କରି କମ୍ପାନୀଗୁଡ଼ିକ ଗ୍ରାହକ ସୁରକ୍ଷା ଆଇନ, ୨୦୧୯ ଏବଂ ଟେଲିକମ୍ ଆଇନର ଉଲ୍ଲଂଘନ କରିଥିଲେ। ଏଥିପାଇଁ ଏମାନଙ୍କ ଉପରେ ସିସିପିଏ ୪୪ ଲକ୍ଷ ଟଙ୍କା ଫାଇନ କରିଥିବା ଜଣାପଡିଛି।

**୮ ଇ-କମର୍ସ କମ୍ପାନୀ ଉପରେ ଲାଗିଲା ୪୮ ଲକ୍ଷ ଜୋରିମାନା**

ଆଇନ ବାହାରେ ଥିବା ୧୬,୯୭୦ ରୁ ଅଧିକ ସାମଗ୍ରୀ ବିକ୍ରି ପାଇଁ ଲିଷ୍ଟିଂ ହେଉଥିବା ଦେଖି ସିସିପିଏ ୧୩ ଇ-କମର୍ସ ପ୍ଲାଟଫର୍ମକୁ ନୋଟିସ୍ କରିଥିଲା। ଯେଉଁଥିରେ ଚିମିଆ,ଜିଓମାର୍ଟ, ଟକ୍ ପ୍ରୋ, ମିଶୋ, ମାସ୍କମ୍ୟାନ୍ ଟଏସ, ଟ୍ରେଡଇଣ୍ଡିଆ, ଅନ୍ତରିକ୍ଷ ଟେକ୍ନୋଲୋଜିସ୍,ବରଦାନମାର୍ଟ, ଇଣ୍ଡିଆମାର୍ଟ, ମେଟା ପ୍ଲାଟଫର୍ମ ଇନକର୍ପୋରେଟେଡ୍ (ଫେସବୁକ୍ ମାର୍କେଟପ୍ଲେସ୍), ଫ୍ଲିପକାର୍ଟ, କ୍ରିଷ୍ଣା ମାର୍ଟ ଏବଂ ଆମାଜନକୁ ନୋଟିସ୍ ଜାରି କରାଯାଇଥିଲା। ସିସିପିଏ ଜାଣିବାକୁ ପାଇଥିଲା ଯେ ପ୍ଲାଟଫର୍ମଗୁଡ଼ିକ ଇକୁପମେଣ୍ଟ ଟାଇପ ଆପ୍ରୁଭାଲ ପ୍ରମାଣପତ୍ର କିମ୍ବା ଲାଇସେନ୍ସିଂ ଆବଶ୍ୟକତାର ଉପଯୁକ୍ତ ସୂଚନା ନ ଦେଇ ଲାଇସେନ୍ସ-ପ୍ରି ଫ୍ରିକ୍ୱେନ୍ସି ବ୍ୟାଣ୍ଡ ବାହାରେ କାମ କରୁଥିବା ପର୍ସନାଲ ମୋବାଇଲ ରେଡିଓ ବିକ୍ରି କରୁଥିଲେ। ଫଳରେ ସିସିପିଏ ୧୦ରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲଗାଇଥିଲା। ଗ୍ରାହକ ଅଧିକାର ଉଲ୍ଲଂଘନ, ଭ୍ରାମକ ବିଜ୍ଞାପନ ଏବଂ ଅନୁଚିତ ବାଣିଜ୍ୟ ଅଭ୍ୟାସ ପାଇଁ କର୍ତ୍ତୃପକ୍ଷ ମିଶୋ, ମେଟା ପ୍ଲାଟଫର୍ମ ଇନକର୍ପୋରେଟେଡ୍ (ଫେସବୁକ୍ ମାର୍କେଟପ୍ଲେସ୍), ଫ୍ଲିପକାର୍ଟ ଏବଂ ଆମାଜନ ଉପରେ ପ୍ରତ୍ୟେକଙ୍କୁ ୧୦ ଲକ୍ଷ ଟଙ୍କା ଏବଂ ଚିମିଆ, ଜିଓମାର୍ଟ, ଟକ୍ ପ୍ରୋ ଏବଂ ମାସ୍କମ୍ୟାନ୍ ଟୟସ୍ ଉପରେ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା ଜୋରିମାନା ଲଗାଇଛନ୍ତି। ଏ ନେଇ ଗ୍ରାହକ ବ୍ୟାପାର ସଚିବ ନିଧି ଖରେ ପିଟିଆଇକୁ ସୂଚନା ଦେଇଛନ୍ତି। ତେବେ ମିଶୋ, ମେଟା, ଚିମିଆ, ଜିଓମାର୍ଟ ଏବଂ ଟକ୍ ପ୍ରୋ ସେମାନଙ୍କର ଜରିମାନା ଅର୍ଥ ପୈଠ କରି ସାରିଛନ୍ତି। ବାକି ପ୍ଲାଟଫର୍ମଗୁଡ଼ିକ ପେମେଣ୍ଟ କରିନାହାନ୍ତି ବୋଲି ଖରେ କହିଛନ୍ତି।

# ସଞ୍ଜୀବ କିଆରେ 'କିଆ ସେଲ୍‌ଟସ୍'ର ବଜାର ପ୍ରବେଶ

**ବ୍ୟାସନଗର,୧୬।୧(ସମିସ):** ପାଣିକୋଇଲି ସ୍ଥିତ ସଞ୍ଜୀବ କିଆ ସୋ'ରୁମରେ ନୂଆ ଡିଜାଇନର 'କିଆ ସେଲଟସ୍'ର ବଜାର ପ୍ରବେଶ ହୋଇଯାଇଛି। ସଂଜୀବ ଗ୍ରୁପ ଦୀର୍ଘ ୨୫ ବର୍ଷ ଧରି ଦୁଇ ଚକିଆ ହିରୋ ଗାଡ଼ିରେ ସର୍ଭିସ୍ ଯୋଗାଇଦେବା ପରେ ଏବେ ଯାଜପୁର ରୋଡ୍ ଭଳି ଏକ ଶିଳ୍ପନଗରୀର ପ୍ରବେଶପଥରେ ଏକ ପ୍ରଥମ ୪ ଚକିଆ ସୋ'ରୁମ ସଞ୍ଜିବ କିଆ ସୋ'ରୁମ ଉଦ୍‌ଘାଟନ କରିଥିବାବେଳେ ମାତ୍ର ୨ ମାସରେ ପ୍ରାୟ ୨୫୦ ଗାଡ଼ି ବିକ୍ରି କରି ଗ୍ରାହକଙ୍କ ବିଶ୍ୱାସ ଜିତିପାରିଛି। ତେବେ ନୂଆ ଡିଜାଇନର 'କିଆ ସେଲଟସ୍'ର ବଜାର ପ୍ରବେଶ ଉତ୍ସବରେ ଅତିଥିଭାବେ ବିଶିଷ୍ଟ ଶିଳ୍ପପତି ଅନିରୁଦ୍ଧ ଦାଶ, ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି, ସଞ୍ଜୀବ କିଆର ଏମ୍‌ଡି ପ୍ରୀତିରଞ୍ଜନ ଜେନା, ନିର୍ଦ୍ଦେଶକ ଅଭିକ ମଲ୍ଲିକ, ସେଲ୍‌ସ ମ୍ୟାନେଜର ଅଜୟ ପୃଷ୍ଟି



ୱାର୍କସ ଅପ ମ୍ୟାନେଜର ଏସ୍‌କେ ମୁସ୍ତାକ, ମାନବ ସମ୍ବଳ ନିର୍ଦ୍ଦେଶକ ଆଶିଷ ରାୟ ପ୍ରମୁଖ ଯୋଗଦେଇଥିଲେ। ଅତିଥି ତଥା ଆଶୀର୍ବାଦ ଗ୍ରୁପର ପ୍ରତିଷ୍ଠାତା ଅନିରୁଦ୍ଧ ଦାଶ ସଞ୍ଜୀବ କିଆ ନାମରେ ଏଠାରେ ସୋ'ରୁମ କରି ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୦୦ ଜଣଙ୍କୁ ନିଯୁକ୍ତି ପ୍ରୋତ୍ସାହନ ଦେଉଥିବାରୁ ସଞ୍ଜୀବ ଗ୍ରୁପର ସମସ୍ତ ସଦସ୍ୟ ସର୍ବୋପରି ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଏବଂ ତାଙ୍କ ପରିବାରକୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଲିଉଡ ନାୟିକା ପୁନମ ଯୋଗଦେଇଥିଲେ। ପ୍ରଥମ ଗ୍ରାହକ ଭାବେ ବିଶ୍ୱରଞ୍ଜନ ଧଳ ସେଲଟସ ବାଦାସ କାରର ଚାବି ଗ୍ରହଣ କରିଥିଲେ। ଏହି ଅବସରରେ ତିନିଜଣ କୁପନଧାରୀଙ୍କୁ ସଞ୍ଜୀବ କିଆ ତରଫରୁ ପୁରସ୍କୃତ କରାଯାଇଥିଲା।

**ମେମୋରୀ ଚିପ୍ସର ଅଭାବ**

# ମହଙ୍ଗା ହେବ ସ୍ମାର୍ଟଫୋନ୍, ଟିଭି, ଲାପ୍‌ଟପ୍

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ଆଗକୁ ଦେଶରେ ସ୍ମାର୍ଟଫୋନ୍, ଟିଭି କିମ୍ବା ଲାପଟପ୍ ମହଙ୍ଗା ହେବାକୁ ଯାଉଛି। ବିଶ୍ୱ ବଜାରରେ ମେମୋରୀ ଚିପ୍ସର ଅଭାବ ଯୋଗୁ ଏପରି ପରିସ୍ଥିତି ଦେଖିବାକୁ ମିଳିଛି। ଶିଳ୍ପ ବିଶେଷଜ୍ଞ ଏବଂ ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ଆଗାମୀ ଦୁଇ ମାସ ମଧ୍ୟରେ କମ୍ପାନୀଗୁଡିକ ଏସବୁ ଉତ୍ପାଦର ମୂଲ୍ୟ ୪% ରୁ ୮% ବୃଦ୍ଧି ହୋଇପାରେ। ସ୍ମାର୍ଟଫୋନ୍ ନିର୍ମାତାଙ୍କ ନିକଟରେ ସମ୍ପ୍ରତି ମେମୋରୀ ଚିପ୍ସର ଚାହିଦା ବହୁଗୁଣ ବଢ଼ିଯାଇଛି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଉଚ୍ଚ-ପ୍ରଦର୍ଶିତ କମ୍ପ୍ୟୁଟିଂର ବର୍ଦ୍ଧିତ ବ୍ୟବହାର ମେମୋରୀ ଚିପ୍ସର ଚାହିଦାକୁ ଆକାଶଛୁଆଁ କରିଛି। ଫଳସ୍ୱରୂପ, ତାହାର ମୂଲ୍ୟ ଆକାଶଛୁଆଁ ହେଉଛି। ପରିସ୍ଥିତି ଏତେ ଭୟଙ୍କର ହୋଇଛି ଯେ ଶୀର୍ଷ ଶିଳ୍ପ ଅଧିକାରୀମାନେ କହିଛନ୍ତି ଯେ ମୂଲ୍ୟ ବୃଦ୍ଧିର ଏହି ଧାରା ଚଳିତବର୍ଷ ପ୍ରତି ତ୍ରୈମାସିକ କିମ୍ବା ମାସ ହୋଇପାରେ। ବଜାର ଟ୍ରାକିଂ କମ୍ପାନୀ କାଉଣ୍ଟରପଏଣ୍ଟ ରିସର୍ଚ୍ଚ ଅନୁଯାୟୀ, ମେମୋରୀ ବଜାର ଏକ ହାଇପର-ବୁଲ୍ ପର୍ଯ୍ୟାୟରେ ପ୍ରବେଶ କରିଛି। ଗତ ତିନି ମାସ ମଧ୍ୟରେ ମୂଲ୍ୟରେ ୫୦% ବୃଦ୍ଧି ପରେଏହି ତ୍ରୈମାସିକରେ ସେଗୁଡିର ମୂଲ୍ୟ ୪୦-୫୦% ବୃଦ୍ଧି ପାଇବ। ଏପ୍ରିଲ ଏବଂ ଜୁନ୍ ମଧ୍ୟରେ ମଉଲ୍ୟରେ ଆଉ ୨୦% ବୃଦ୍ଧି ଆଶଙ୍କା କରାଯାଉଛି।

**ମୂଲ୍ୟ ୮% ବୃଦ୍ଧି ପାଇବା ସମ୍ଭାବନା**
**ପ୍ରତି ମାସରେ ବଢ଼ିବ ମୂଲ୍ୟ**

କାଉଣ୍ଟରପଏଣ୍ଟ ରିସର୍ଚ୍ଚର ଗବେଷଣା ନିର୍ଦ୍ଦେଶକ ତରୁଣ ପାଠକ କହିଛନ୍ତି, ଭିଭୋ



ଏବଂ ନଥି ଭଳି କିଛି ସ୍ମାର୍ଟଫୋନ୍ କମ୍ପାନୀ ଜାନୁଆରୀରେ ୩୦୦୦-୫୦୦୦ ଟଙ୍କା ମୂଲ୍ୟ ବୃଦ୍ଧି କରିସାରିଛନ୍ତି। ସାମସଙ୍ଗ ଭଳି କମ୍ପାନୀଗୁଡ଼ିକ ସିଧାସଳଖ ମୂଲ୍ୟ ବୃଦ୍ଧି କରିବା ପରିବର୍ତ୍ତେ କ୍ୟାସବ୍ୟାକ୍ ଏବଂ ରିଆତି ହ୍ରାସ କରୁଛନ୍ତି। ୨୦୨୬ ଏବଂ ପରବର୍ତ୍ତୀ ବର୍ଷଗୁଡିକରେ ମଧ୍ୟ ମେମୋରୀ ମୂଲ୍ୟ ବୃଦ୍ଧି ପାଇବା ଜାରି ରହିବ। କମ୍ପାନୀଗୁଡ଼ିକ ନୂତନ ବଜାର ପ୍ରବେଶରେ ଏହି ବର୍ଦ୍ଧିତ ମୂଲ୍ୟକୁ ଅନ୍ତର୍ଭୁକ୍ତ କରିବେ, କିନ୍ତୁ ଖର୍ଚ୍ଚ ନିୟନ୍ତ୍ରଣ କରିବା ପାଇଁ ସେମାନେ ଡିସପ୍ଲେ ଭଳି କିଛି ଉପାଦାନର ଗୁଣବତ୍ତା ହ୍ରାସ କରିପାରନ୍ତି। ଫୋନ୍ ନିର୍ମାତାମାନେ କହିଛନ୍ତି ଯେ ମେମୋରୀ ଚିପ୍ସର ଯୋଗାଣ କଷ୍ଟକର ହୋଇଯାଇଛି। ସେହିପରି, ଟିଭି ନିର୍ମାତା ସୁପର ପ୍ଲାଷ୍ଟ୍ରୋନିକ୍ସ କହିଛନ୍ତି ଯେ ଏହା ଏହାର ମେମୋରୀ ଚିପ୍ ଅର୍ଡରର କେବଳ ଦଶମାଂଶ ପାଉଛି। କମ୍ପାନୀ କୋଡାକ୍, ଥମସନ୍ ଏବଂ ବ୍ଲୁପଙ୍କ୍ ବ୍ରାଣ୍ଡ ଅଧୀନରେ ଟିଭି ବିକ୍ରି କରେ। ସୁପର ପ୍ଲାଷ୍ଟ୍ରୋନିକ୍ସର ସିଇଓ ଅବନୀତ ସିଂହ ମାରୱାହ କହିଛନ୍ତି, "ଆମେ ନଭେମ୍ବରରେ ମୂଲ୍ୟ ୭% ବୃଦ୍ଧି କରିଥିଲୁ, ଏବେ ଏହି ମାସରେ ୧୦% ବୃଦ୍ଧି କରୁଛୁ।

**ଷ୍ଟାର୍ଟଅପ୍ ଇଣ୍ଡିଆକୁ ୧୦ ବର୍ଷ**

# ଦଶନ୍ଧୀରେ ଷ୍ଟାର୍ଟଅପ୍ ସଂଖ୍ୟା ୨ ଲକ୍ଷ ଟପିଲା

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ଗତ ୧୦ ବର୍ଷ ଧରି ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ ଭାରତରେ ଦୃଢ଼ ଉଦ୍ୟୋଗ ଇକୋସିଷ୍ଟମ ବିକଶିତ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ଭାରତରେ ବର୍ତ୍ତମାନ ବିଶ୍ୱର ତୃତୀୟ ସର୍ବବୃହତ ଇକୋସିଷ୍ଟମ ରହିଛି ଯାହା ବାର୍ଷିକ ୧୨-୧୫% ହାରରେ ଅଭିବୃଦ୍ଧି ହାସଲ କରୁଛି। ୨୦୧୪ରେ ଦେଶରେ ମାତ୍ର ୩୫୦ଟି ଡିପିଆଇଆଇଟି ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପ୍ ରହିଥିବାବେଳେ ଆଜି ଏହି ସଂଖ୍ୟା ୨.୦୯ ଲକ୍ଷରେ ପହଞ୍ଚିଛି। ଯଦି ଗୋଟିଏ ଷ୍ଟାର୍ଟଅପ୍ ହାରାହାରି ୧୨ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି ବୋଲି ଧରାଯାଏ ତେବେ ୨୦୧୪ରେ ୪,୨୦୦ ଏବଂ ଏବେ ଏସବୁ ୨୧ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି। ଏଗୁଡ଼ିକ ଏବେ ନିଯୁକ୍ତି ଓ ଆର୍ଥିକ ବିକାଶର ପ୍ରମୁଖ ଉତ୍ସ ପାଲଟିଛନ୍ତି।

ଅନୁପାଳନ ବୋଝ ହ୍ରାସ କରିବା କ୍ଷେତ୍ରରେ ଯୁଗାନ୍ତକାରୀ ସଂସ୍କାର ଅଣାଯାଇଛି। ୪୭,୦୦୦ରୁ ଅଧିକ ଅନୁପାଳନ ଉଚ୍ଛେଦ କରାଯାଇଥିବା ବେଳେ ୪,୪୫୮ରୁ ଅଧିକ ଆଇନଗତ ବ୍ୟବସ୍ଥାର ନିରପରାଧୀକରଣ ହୋଇଛି। ୨୦୧୬ରେ ୬୪ରୁ ଅଧିକ ନିୟାମକ ସଂସ୍କାର ଆରମ୍ଭ କରିଥିଲା ଯାହା ବ୍ୟବସାୟିକ ସୁଗମତା ବଢ଼ାଇବା ସହିତ ସହଜ ପୁଞ୍ଜି ସୃଷ୍ଟିକୁ ସକ୍ଷମ କରିଛି ଏବଂ ନିୟାମକ ବ୍ୟବସ୍ଥାକୁ କୋହଳ କରିଛି। ୩ରୁ ୫ ବର୍ଷ ମଧ୍ୟରେ ୯ଟି ଶ୍ରମ ଆଇନ ଏବଂ ୩ଟି ପରିବେଶ ଆଇନର ସ୍ୱ-ଅନୁପାଳନ ଲାଗି ଷ୍ଟାର୍ଟଅପଗୁଡ଼ିକୁ ଅନୁମତି ଦିଆଯାଇଛି। ଷ୍ଟାର୍ଟଅପ୍ ଅନୁମୋଦନ ଓ ମାନ୍ୟତା ପ୍ରକ୍ରିୟାକୁ ଷ୍ଟାର୍ଟଅପ୍ ଇଣ୍ଡିଆ ପୋର୍ଟାଲ ଏବଂ ଜାତୀୟ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଜରିଆରେ ସମ୍ପୂର୍ଣ୍ଣ ଡିଜିଟାଲ କରାଯାଇଛି। ଡିପିଆଇଆଇଟି ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପଗୁଡ଼ିକୁ ଧାରା ୮୦-ଆଇଏସି ଅଧୀନରେ ୧୦୦% ଆୟକର ଛାଡ଼ କରାଯାଇଛି। ପୂର୍ବରୁ ବଜାରର ଦରର ପ୍ରାୟ ୩୧% ଏଞ୍ଜେଲ୍ ଟିକସ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି। ବିଳମ୍ବିତ ପ୍ରକ୍ରିୟା ପରିବର୍ତ୍ତେ ଷ୍ଟାର୍ଟଅପ୍‌ଗୁଡ଼ିକ ଏବେ ୯୦ ଦିନ ମଧ୍ୟରେ ବ୍ୟବସାୟ ବନ୍ଦ ସମ୍ପୂର୍ଣ୍ଣ କରିପାରିବେ। ସରକାରୀ କ୍ରୟ ଲାଗି ପୂର୍ବ କାରବାର ଏବଂ ପ୍ରାକ୍ ଅଭିଜ୍ଞତା ଆବଶ୍ୟକତାକୁ ଉଚ୍ଛେଦ କରାଯାଇଛି, ଫଳରେ ଷ୍ଟାର୍ଟଅପ୍‌ଗୁଡ଼ିକ ସରକାରୀ କ୍ରୟ ପ୍ରକ୍ରିୟାରେ ଭାଗ ନେଇପାରୁଛନ୍ତି। ଡିପିଆଇଆଇଟି ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପ୍‌ଗୁଡ଼ିକୁ ସରକାରୀ ଟେଣ୍ଡରରେ ଭାଗ ନେବା ପାଇଁ ଇଏମଡି ଅର୍ଥ ଛାଡ଼ କରାଯାଇଛି।

# ଆସାମରେ ଗଡ଼ିବ ଦୁଇ 'ଅମୃତ ଭାରତ' ଟ୍ରେନ୍

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାନୁଆରୀ ୧୭ ରୁ ୧୮ ପର୍ଯ୍ୟନ୍ତ ଦୁଇ ଦିନ ପାଇଁ ଆସାମ ଗସ୍ତ କରିବେ। ଜାନୁଆରୀ ୧୭ ସନ୍ଧ୍ୟା ପ୍ରାୟ ୬ଟାରେ ପ୍ରଧାନମନ୍ତ୍ରୀ ଗୌହାଟୀର ସରୁସଜାଇ ଷ୍ଟାଡିୟମରେ ପାରମ୍ପରିକ ବୋଡୋ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବେ। ଜାନୁଆରୀ ୧୮ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ, ପ୍ରଧାନମନ୍ତ୍ରୀ ୬,୯୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର କାଜିରଙ୍ଗା ଏଲିଭେଟେଡ୍ କରିଡର ପ୍ରକଳ୍ପର ଭୂମି ପୂଜନ କରିବେ ଏବଂ ନଗାଓଁ ଜିଲ୍ଲାର କାଳିଆବୋରରେ ୨ଟି ନୂତନ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ।



ଏହି ଅବସରରେ, ବୋଡୋ ସମ୍ପ୍ରଦାୟର ୧୦,୦୦୦ ରୁ ଅଧିକ କଳାକାର ଏକାଠି ହୋଇ ବାଗୁରୁମ୍ବା ନୃତ୍ୟ ପରିବେଷଣ କରିବେ। ରାଜ୍ୟର ୨୩ଟି ଜିଲ୍ଲାର ୮୧ଟି ବିଧାନସଭା ନିର୍ବାଚନମଣ୍ଡଳୀର କଳାକାରମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ୨ଟି ନୂତନ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ - ଗୌହାଟୀ (କାମାକ୍ଷା) - ରୋହତକ ଅମୃତ ଭାରତ ଏକ୍ସପ୍ରେସ ଏବଂ ଦିବ୍ରୁଗଡ଼ - ଲକ୍ଷ୍ନୌ (ଗୋମତୀ ନଗର) ଅମୃତ ଭାରତ ଏକ୍ସପ୍ରେସକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହି ନୂତନ ଟ୍ରେନ ଉତ୍ତର -ପୂର୍ବ ଏବଂ ଉତ୍ତର ଭାରତ ମଧ୍ୟରେ ରେଳ ସଂଯୋଗକୁ ସୁଦୃଢ଼ କରିବ।

# ୨୦ଟି ଗ୍ରାହକ ସେବା କେନ୍ଦ୍ରରେ ସ୍ମାର୍ଟ ମିଟର ଏବଂ ପାରମ୍ପରିକ ମିଟରର ଏକ 'ଲାଇଭ୍ ଡିସପ୍ଲେ'

**ଭୁବନେଶ୍ୱର, ୧୬।୧(ସିମସ):** ସେଣ୍ଟ୍ରାଲ ଓଡ଼ିଶାର ବିଦ୍ୟୁତ ବିତରଣ ଦାୟିତ୍ୱରେ ଥିବା ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍(ଟିପିସିଓଡିଏଲ) ପକ୍ଷରୁ ଆଜି ସ୍ମାର୍ଟ ମିଟରର କାର୍ଯ୍ୟକାରିତା ଓ ସଠିକତା ସମ୍ପର୍କରେ ପୁନର୍ବାର ସ୍ପଷ୍ଟୀକରଣ ଦିଆଯାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ସ୍ମାର୍ଟ ମିଟରଗୁଡ଼ିକ ପାରମ୍ପରିକ ମିଟର ଭଳି ସମାନ କୌଶଳରେ କାର୍ଯ୍ୟ କରେ ଏବଂ ଏହା ଅତ୍ୟନ୍ତ ସଠିକ ଭାବେ ବିଦ୍ୟୁତ ବ୍ୟବହାର ରେକର୍ଡ କରିଥାଏ। ଏହି ସଠିକତାକୁ ଉପଭୋକ୍ତାମାନେ ନିଜେ ପରଖିବା ପାଇଁ କମ୍ପାନୀ ପକ୍ଷରୁ ୨୦ଟି ଗ୍ରାହକ ସେବା କେନ୍ଦ୍ରରେ ସ୍ମାର୍ଟ ମିଟର ଏବଂ ପାରମ୍ପରିକ ମିଟରର ଏକ 'ଲାଇଭ୍ ଡିସପ୍ଲେ' ବ୍ୟବସ୍ଥା କରାଯାଇଛି। ଏଠାରେ ସାଧାରଣ ଜନତା ନିଜେ ଉଭୟ ମିଟରର କାର୍ଯ୍ୟଶୈଳୀକୁ ପାଖାପାଖି ରଖି ତୁଳନା କରିପାରିବେ ଓ ଏହାର



ସଠିକତା ପରଖି ପାରିବେ। ଟିପିସିଓଡିଏଲ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସ୍ମାର୍ଟ ମିଟର ବିଦ୍ୟୁତ ବ୍ୟବହାରକୁ ପରିବର୍ତ୍ତନ କରେ ନାହିଁ କିମ୍ବା ବଢ଼ାଇ ଦେଖାଏନାହିଁ। ପାରମ୍ପରିକ ମିଟର ତୁଳନାରେ ସ୍ମାର୍ଟ ମିଟରରେ ବିଦ୍ୟୁତ ବ୍ୟବହାର ମାପିବା ଶୈଳୀରେ କୌଣସି ପାର୍ଥକ୍ୟ ମଧ୍ୟ ନାହିଁ। ସ୍ୱୟଂଚାଳିତ ଯାଞ୍ଚ ଏବଂ ବୈଧକରଣ ପ୍ରକ୍ରିୟା ପରେ ମିଟରରେ ଲିପିବଦ୍ଧ ହୋଇଥିବା ପ୍ରକୃତ ବ୍ୟବହାର ଆଧାରରେ ହିଁ ବିଲ୍ ପ୍ରସ୍ତୁତ କରାଯାଏ।

# ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ ୫-ଜି ବ୍ୟବହାରକାରୀ ରାଷ୍ଟ୍ର

## ୪୦ କୋଟି ଲୋକଙ୍କ ହାତରେ ୫-ଜି ନେଟ୍‌ୱର୍କ

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ଭାରତ ଏବେ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି। ଏହି ସୂଚନା କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ପ୍ରଦାନ କରିଛନ୍ତି। ଶ୍ରୀ ସିନ୍ଧିଆଙ୍କ କହିବାନୁଯାୟୀ, ଭାରତ ଏବେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ୫ଜି ବ୍ୟବହାରକାରୀ ଦେଶ ପାଲଟିଛି। ଭାରତରେ ୪୦ କୋଟିରୁ ଅଧିକ ଲୋକ ୫ଜି ସେବା ବ୍ୟବହାର କରୁଛନ୍ତି। ୫ଜି କ୍ଷେତ୍ରରେ କେବଳ ଚୀନ୍ ଏବେ ଭାରତଠାରୁ ଆଗରେ ଅଛି। ଶୁକ୍ରବାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏକ ପୋଷ୍ଟରେ ଯୋଗାଯୋଗ ମନ୍ତ୍ରୀ କହିଛନ୍ତି ଯେ ଭାରତ କେବଳ ୫ଜି ବ୍ୟବହାରକାରୀଙ୍କ ସଂଖ୍ୟାରେ ଆଗୁଆ ନୁହେଁ ବରଂ ୫ଜି ଟେକ୍ନୋଲୋଜିର ଦ୍ରୁତତମ ଗ୍ରହଣକାରୀ ଦେଶମାନଙ୍କ ମଧ୍ୟରେ ରହିଛି।

୨୦୨୨ରେ ଭାରତରେ ୫ଜି ନେଟୱାର୍କର ଶୁଭାରମ୍ଭ କରାଯାଇଥିଲା। ବର୍ତ୍ତମାନ ଦେଶର ୯୯.୬ ପ୍ରତିଶତ ଜିଲ୍ଲାରେ ୫ଜି ନେଟୱାର୍କ ଉପଲବ୍ଧ। ୫ଜି କଭରେଜ୍ ଦେଶର ୮୫ ପ୍ରତିଶତ ଜନସଂଖ୍ୟା ନିକଟରେ ପହଞ୍ଚିଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ଟେଲିକମ୍ କମ୍ପାନୀଗୁଡ଼ିକ ସାରା ଦେଶରେ ୪,୬୯,୦୦୦ ୫ଜି ବେସ୍ ଟ୍ରାନ୍ସିଭର୍ ଷ୍ଟେସନ୍ (ବିଟିଏସ୍) ସ୍ଥାପନ କରିଛନ୍ତି। ଯୋଗାଯୋଗ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହା ବିଶ୍ୱର ସବୁଠାରୁ ଦ୍ରୁତ ୫ଜି ନେଟୱାର୍କ ରୋଲଆଉଟ୍ ମଧ୍ୟରୁ ଗୋଟିଏ। ୫ଜି ଆରମ୍ଭ ହେବା

**ସାରା ଦେଶରେ ଲାଗିଛି ୪.୬୯ ଲକ୍ଷ ୫ଜି ବିଟିଏସ୍**



ପରଠାରୁ ପ୍ରାୟ ୨୫ ନିୟୁତ ବା ୨୫ କୋଟି ମୋବାଇଲ୍ ଉପଭୋକ୍ତା ୫ଜି ସେବା ବ୍ୟବହାର କରିବା ଆରମ୍ଭ କରିଛନ୍ତି। କେବଳ ସହରଗୁଡ଼ିକରେ ନୁହେଁ ବରଂ ଗ୍ରାମୀଣ ଭାରତରେ ମଧ୍ୟ ଟେଲିକମ୍ ସଂଯୋଗ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଗ୍ରାମୀଣ ଟେଲିଫୋନ୍ ସଂଯୋଗ ୪୨.୯ ପ୍ରତିଶତ ବୃଦ୍ଧି ପାଇଛି, ଯାହା ସହରାଞ୍ଚଳରେ ପ୍ରାୟ ଦୁଇଗୁଣ ହାର। ୨୦୧୪ରେ ଗ୍ରାମୀଣ ସଂଯୋଗ ୩୭.୭୮ କୋଟିରୁ ୨୦୨୫ ସେପ୍ଟେମ୍ବର ସୁଦ୍ଧା ୫୩.୯୮ କୋଟିକୁ ବୃଦ୍ଧି ପାଇଛି।

ଭାରତରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ମଧ୍ୟ ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ଦେଶରେ ମୋଟ ଇଣ୍ଟରନେଟ୍ ସଂଯୋଗ ସଂଖ୍ୟା ଏବେ ୧୦୦.୨୯ କୋଟିରେ ପହଞ୍ଚିଛି। ୨୦୧୪ ମାର୍ଚ୍ଚରେ ଏହି ସଂଖ୍ୟା କେବଳ ୨୫.୧୫ କୋଟି ଥିଲା, ଯାହା ପ୍ରାୟ ୨୯୯ ପ୍ରତିଶତ ବୃଦ୍ଧି ପାଇଛି।

